**୨ ବାଇକ ଧକ୍କା, ଜଣେ ମୃତ, ଜଣେ ଗୁରୁତର**

ଖଇରା,(ଉତ୍କଳବନ୍ଧୁ ପଣ୍ଡା): କୁପାରୀ-ସୋର ରାସ୍ତାର ଖଇରା ଥାନା ଅଧୀନ ବାଙ୍କିତିରା ଛକରେ ଏକ ସ୍କୁଟି ଓ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଯୋଗୁ ଜଣେ ସ୍କୁଟି ଆରୋହୀଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ଖଇରା ଥାନା ଦେଉଳି ଗ୍ରାମର ଗଣେଶ ବେହେରା(୪୨) ଏବଂ ଗୁରୁତର ହେଲେ ଦେଉଳି ଗ୍ରାମର ସାନନ୍ଦ ବେହେରା(୫୫)। ସାନନ୍ଦଙ୍କୁ ଚିକିତ୍ସା ପାଇଁ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଛି। ବାଇକ ଆରୋହୀ ମଛଦା ଗ୍ରାମର ବବୁଲୁ ବୋଲି କୁହାଯାଉଛି।

# ଗଙ୍ଗାସାଗରରେ ୮୫ ଲକ୍ଷରୁ ଊର୍ଦ୍ଧ୍ୱ ପୁଣ୍ୟାର୍ଥୀଙ୍କ ମକରବୁଡ଼

- ୫ ମୃତ
- ଉଦୟପୁର, ତାଲସାରୀରେ ଲକ୍ଷାଧିକ ଲୋକଙ୍କ ସମୁଦ୍ର ସ୍ନାନ

**ଭୋଗରାଇ, ୧୪।୧(ପ୍ରଦୀପ ଦାସ)**

ପଶ୍ଚିମବଙ୍ଗ ଦକ୍ଷିଣ ୨୪ ପ୍ରଗଣା ଜିଲା ସାଗରଦୀପର ଗଙ୍ଗା ଓ ସାଗର ସଙ୍ଗମସ୍ଥଳରେ ମକରସଂକ୍ରାନ୍ତି ଅବସରରେ ମଙ୍ଗଳବାର ଅପରାହ୍ନ ୩ଟା ସୁଦ୍ଧା ୮୫ଲକ୍ଷରୁ ଊର୍ଦ୍ଧ୍ୱ ପୁଣ୍ୟାର୍ଥୀ ମକର ବୁଡ଼ ପକାଇଥିବା ମନ୍ତ୍ରୀ ଅରୂପ ବିଶ୍ୱାସ କହିଛନ୍ତି। ବୁଧବାର ପୁଣି ଲକ୍ଷାଧିକ ତୀର୍ଥଯାତ୍ରୀ ଗଙ୍ଗାସାଗରକୁ ଆସିବା ନିମନ୍ତେ ବିଭିନ୍ନ ସ୍ଥାନରେ ଅପେକ୍ଷାରତ ଅଛନ୍ତି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ହିନ୍ଦୁଶାସ୍ତ୍ର ଅନୁଯାୟୀ ମକର ସଂକ୍ରାନ୍ତିରେ ଗଙ୍ଗାସାଗରରେ ମକରବୁଡ଼ ଦେଲେ ପୁଣ୍ୟଫଳ ମିଳିଥାଏ ବୋଲି ପୁରାଣରେ କଥିତ ରହିଛି। ଏଥିନିମନ୍ତେ ମଙ୍ଗଳବାର ନିଶିବସାନରୁ ଲକ୍ଷାଧିକ ତୀର୍ଥଯାତ୍ରୀ ଏଠାରେ ଗଙ୍ଗା ମା'ଙ୍କୁ ସ୍ମରଣ କରି ମକରବୁଡ଼ ଦେଇ ସୂର୍ଯ୍ୟପୂଜା କରିବା ସହିତ ମହାତପସ୍ୱୀ କପିଳମୁନି ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି। ଗଙ୍ଗାସାଗର ସୈକତରେ ଓଡ଼ିଶା ସମେତ ଭିନ୍ନ ରାଜ୍ୟରୁ ଶ୍ରଦ୍ଧାଳୁମାନେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ ଓ ବୈତରଣୀ ପାର ପାଇଁ ମୋକ୍ଷପ୍ରାପ୍ତି ନିମନ୍ତେ ଅସଂଖ୍ୟ ଶ୍ରଦ୍ଧାଳୁ ଗୋରୁ ଲାଞ୍ଜ ଧରି ପୂଜାପାଠ ଓ ଶ୍ରାଦ୍ଧ ଆଦି କାର୍ଯ୍ୟ କରିଛନ୍ତି।



ମକରବୁଡ଼ ପକାଇବା ଲାଗି ଶ୍ରଦ୍ଧାଳୁଙ୍କ ଭିଡ଼।

୪ କି.ମି. ବ୍ୟାପ୍ତ ପରିଧି ମଧ୍ୟରେ ପ୍ରସିଦ୍ଧ ମେଳା ଜନସମୁଦ୍ରରେ ପରିଣତ ହୋଇଥିବା ବେଳେ ବହୁ ସାଧୁ ସନ୍ନ୍ୟାସୀଙ୍କ ସମବେତ ଓ ଧର୍ମଗୁରୁ, ସଂକୀର୍ତ୍ତନ ଦଳଙ୍କ କୀର୍ତ୍ତନ, ପ୍ରବଚନ ଏବଂ ଝାଲି, ଘଣ୍ଟା, ବାଦ୍ୟରେ ସମଗ୍ର ପରିବେଶ ମୁଖରିତ ହୋଇଛି। ଗଙ୍ଗାସାଗର ମେଳାକୁ ପ୍ଲାଷ୍ଟିକମୁକ୍ତ କରିବା ସହିତ ସ୍ୱଚ୍ଛ, ସବୁଜ ଓ ସତେଜ ପାଇଁ ପଶ୍ଚିମବଙ୍ଗ ସରକାର ଓ ପ୍ରଶାସନ ପକ୍ଷରୁ ଘନ ଘନ ପ୍ରଚାର ଓ ସଚେତନ କରାଯାଉଛି। ସ୍ୱାସ୍ଥ୍ୟ, ବିଶୁଦ୍ଧ ପାନୀୟଜଳ, ବିଦ୍ୟୁତ, ଯାତ୍ରୀ ପରିବହନ ସେବା ଓ ଶୌଚାଗାର ନିମନ୍ତେ ଗୁରୁତ୍ୱ ଦିଆଯାଇଥିବା ବେଳେ ୭ଜଣ ଗୁରୁତର ରୋଗୀଙ୍କୁ ଏୟାରଲିଫ୍ଟ ଯୋଗେ କୋଲକାତା ସରକାରୀ ହସ୍‌ପିଟାଲକୁ ସ୍ଥାନାନ୍ତରିତ କରାଯାଉଛି। ପୁରୀ ଗୋବର୍ଦ୍ଧନପୀଠର ଜଗତଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଆଦିତ୍ୟ ବାହିନୀ ସହିତ ବିଶ୍ୱଶାନ୍ତି ପାଇଁ ସମୁଦ୍ର ଆଳତୀ କରି ମକରବୁଡ଼ ଦେଇ ଫେରିଛନ୍ତି। ମେଳାରେ ନାଗାସନ୍ନ୍ୟାସୀ ବିଭିନ୍ନ ଢଙ୍ଗରେ ଶ୍ରଦ୍ଧାଳୁଙ୍କୁ ଆଶୀର୍ବାଦ ଦେବା ଭିନ୍ନ ଏକ ଆକର୍ଷଣ ହୋଇଛି। ଭାରତ ସେବାଶ୍ରମ ସଂଘରେ ୧୨ହଜାର ତୀର୍ଥଯାତ୍ରୀଙ୍କୁ ବିଭିନ୍ନ ସେବା ଯୋଗାଇ ଦିଆଯାଉଛି ବୋଲି ମହନ୍ତ ନିମାଇଁ ମହାରାଜ ସୂଚନା ଦେଇଛନ୍ତି। ଇସ୍କନ ପରି ଶତାଧିକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଲକ୍ଷାଧିକ ତୀର୍ଥଯାତ୍ରୀଙ୍କ ସକାଶେ ନିଃଶୁଳ୍କ ଖାଦ୍ୟ ଯୋଗାଇ ଦିଆଯାଇଛି। ପ୍ରସିଦ୍ଧ ମେଳାରେ ଉତ୍ତରପ୍ରଦେଶରୁ ୪ ଓ ହରିୟାଣାର ଜଣଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇଥିବା ବେଳେ ୬୭୨ ଅସାମାଜିକ ଲୋକଙ୍କୁ ଗିରଫ କରାଯାଇଛି। ଭାରତ ପ୍ରସିଦ୍ଧ ଗଙ୍ଗାସାଗର ମେଳାକୁ ଜାତୀୟ ମେଳା ଘୋଷଣା କରିବାକୁ ପଶ୍ଚିମବଙ୍ଗ ସରକାର ଓ ବହୁ ଧର୍ମଗୁରୁଙ୍କ ପକ୍ଷରୁ ଦାବି ହୋଇଛି। ସରକାରୀ ଭାବେ ଏହି ମେଳା ୧୭ତାରିଖ ଚାଲୁ ରହିଥିବା ବେଳେ ବେସରକାରୀ ଭାବେ ସ୍ଥାନୀୟ ଲୋକଙ୍କ ପାଇଁ ୫ ଦିନ ବଢାଇ ଦିଆଯାଇଛି। ଅପରପକ୍ଷରେ ବାଲେଶ୍ୱର ଜିଲା ସମୁଦ୍ରକୂଳ ଉଦୟପୁର, ତାଳସାରୀ, କୀର୍ତ୍ତନିଆ, ଚୌମୁଖ, ଡଗରା ସହିତ ସୁବର୍ଣ୍ଣରେଖା ନଦୀକୂଳରେ ଲକ୍ଷାଧିକ ଶ୍ରଦ୍ଧାଳୁ ବୁଡ଼ ମାରିଥିବା ସୂଚନା ମିଳିଛି।

## ଦକ୍ଷତା ଓ କୌଶଳ ବୃଦ୍ଧିକୁ ଟିପିଏନ୍‌ଓଡିଏଲ୍‌ର ଗୁରୁତ୍ୱ



ଲୋକାର୍ପଣ ଉତ୍ସବରେ ଟିପିଏନଓଡିଏଲ୍‌ର ଅଧିକାରୀଗଣ।

**ବାଲେଶ୍ୱର, ୧୪।୧(ବାଞ୍ଛାନିଧି ଦେ)**

- ରାହାଞ୍ଜରେ ନୂଆ କୌଶଳ ବିକାଶ କେନ୍ଦ୍ର ଲୋକାର୍ପିତ
- କର୍ମଚାରୀଙ୍କ ସହ ଛାତ୍ରୀଛାତ୍ର ନେବେ ପ୍ରଶିକ୍ଷଣ
- ମାର୍ଚ୍ଚ ସୁଦ୍ଧା ଖୋଲିବ ପାଣିକୋଇଲି କେନ୍ଦ୍ର

ବାଲେଶ୍ୱର ଜିଲା ରେମୁଣା ଗୋଲେଇସ୍ଥିତ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ (ଟିପିଏନଓଡିଏଲ) ପକ୍ଷରୁ ସୁରକ୍ଷା ପଦ୍ଧତି ଏବଂ କାର୍ଯ୍ୟପ୍ରଣାଳୀ ସମ୍ପର୍କିତ ତାଲିମ ପାଇଁ ଭଦ୍ରକ ଜିଲା ସ୍ଥିତ ରାହାଞ୍ଜରେ ନୂତନ କୌଶଳ ବିକାଶ କେନ୍ଦ୍ରର ଲୋକାର୍ପଣ କରାଯାଇଛି। ଏହି କୌଶଳ ବିକାଶ କେନ୍ଦ୍ର ଟିପିଏନଓଡିଏଲର କର୍ମଚାରୀଙ୍କ ଦକ୍ଷତା ବିକାଶ କରିବା ସହ ବିଏ କର୍ମଚାରୀ ଓ ଡିପ୍ଲୋମା ତଥା ଆଇଟିଆଇ ଛାତ୍ରୀଛାତ୍ରଙ୍କ କୌଶଳ ଏବଂ ବ୍ୟବହାରିକ ଜ୍ଞାନ ବୃଦ୍ଧି କରିବାରେ ସହାୟକ ହେବ। ବୈଦ୍ୟୁତିକ ସେବା ଓ ସୁରକ୍ଷା, ବିଦ୍ୟୁତ୍‌ସେବା ସଞ୍ଚାରଣ ଓ ବିତରଣ ବ୍ୟବସ୍ଥା, ଅକ୍ଷୟ ସୌରଶକ୍ତି ଆଦି ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଟିପିଏନଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦ୍ୱିଜଦାସ ବସାକ ପୌରୋହିତ୍ୟ କରି ଟିପିଏନଓଡିଏଲ ବିଦ୍ୟୁତ ବିତରଣ କ୍ଷେତ୍ର ଜିଲାଗୁଡ଼ିକରେ ଆଉ ଗୋଟିଏ କୌଶଳ ବିକାଶ କେନ୍ଦ୍ର ପ୍ରତିଷ୍ଠା କରିବ। ବାଲେଶ୍ୱର, ବେତନଟୀ, ଯୋଡ଼ା ଓ ରାହାଞ୍ଜ ପରେ ଆସନ୍ତା ମାର୍ଚ୍ଚ ସୁଦ୍ଧା ଯାଜପୁରର ପାଣିକୋଇଲିରେ ନୂଆ କୌଶଳ ବିକାଶ କେନ୍ଦ୍ର ଲୋକାର୍ପଣ କରାଯିବ। ନିଜର କର୍ମଚାରୀଙ୍କ କୌଶଳ ବୃଦ୍ଧି କରିବା ସହ ସ୍ଥାନୀୟ ଆଇଟିଆଇ ଓ ଡିପ୍ଲୋମା ଅଧ୍ୟୟନରତ ପିଲାଙ୍କ ଦକ୍ଷତା ବଢାଇବା ସହ ସେମାନଙ୍କୁ ଅଧିକ କୁଶଳୀ କରିବାରେ ସହାୟକ ହେବ ବୋଲି ସେ କହିଥିଲେ। ସମ୍ମାନନୀୟ ଅତିଥି ଭାବେ ଟାଟା ପାୱାର ଚିଫ୍ କର୍ପୋରେଟ (ସୁରକ୍ଷା ଓ ପରିବେଶ) ସୁରେଶ ଖେଦ୍ୱାନି, ଟିପିଏନଓଡିଏଲ ଅପରେସନ ମୁଖ୍ୟ ନୀଲେଶ ପୋଟଫଡ଼େ, ପ୍ରକଳ୍ପ ମୁଖ୍ୟ ପ୍ରଦୀପ କୁମାର ମହାନ୍ତି, ବାଣିଜ୍ୟ ମୁଖ୍ୟ ଜୟଦୀପ ରୟ, କୌଶଳ ବିକାଶ ବିଭାଗ ମୁଖ୍ୟ ସତୀଶ ମହାଜନ, ଭଦ୍ରକ ଅଧୀକ୍ଷଣ ଯନ୍ତ୍ରୀ ଶ୍ରୀକାନ୍ତ ପାଢ଼ୀ, ସୁରକ୍ଷା ମୁଖ୍ୟ ତପନ ପାତ୍ର ଏବଂ ସିଭିଲ ବିଭାଗରୁ ତନୁଜ ପଟ୍ଟନାୟକ ଓ ସମ୍ରାଟ ରୟଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

**ବାଲେଶ୍ୱର, ୧୪।୧(ବାଞ୍ଛାନିଧି ଦେ)**

ବାଲେଶ୍ୱର ରିଜର୍ଭ ପୋଲିସ ପଡ଼ିଆରେ ଆୟୋଜିତ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା 'କୋଶମ୍-୨୦୨୫' ଦ୍ୱିତୀୟ ଦିବସରେ ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା-୨୦୨୫ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି ଏହି ମେଳାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

ଜିଲା ମୁଖ୍ୟ କୃଷି ଅଧିକାରୀ ଲକ୍ଷ୍ମଣ ଚନ୍ଦ୍ର ମୁର୍ମୁ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ନିର୍ବାହୀଯନ୍ତ୍ରୀ ଡ. ଆଲୋକ ଅଧିକାରୀ ଚାଷୀମାନଙ୍କୁ କୃଷି ଯନ୍ତ୍ରପାତି ବ୍ୟବହାର ସମ୍ବନ୍ଧରେ ଦିଗଦର୍ଶନ ଦେଇଥିଲେ। କୃଷି ଜିଲା ଅଧିକାରୀ ତୁଷାରକାନ୍ତି ତୁଙ୍ଗ ଚାଷୀମାନଙ୍କୁ ସମନ୍ୱିତ ରୋଗପୋକ ପରିଚାଳନା ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସହକାରୀ କୃଷି ନିର୍ଦ୍ଦେଶକ ସରୋଜ କୁମାର ଗିରି କୃଷି ବିଭାଗର ବିଭିନ୍ନ ଯୋଜନା ସମ୍ପର୍କରେ ଚାଷୀମାନଙ୍କୁ ଅବଗତି କରାଇଥିଲେ। ସହକାରୀ କୃଷିଯନ୍ତ୍ରୀ ତନ୍ମୟିକା ଦାସ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଏହି ମେଳାରେ କାର୍ଯ୍ୟରତ କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ ଓ ନିର୍ବାହୀଯନ୍ତ୍ରୀ (କୃଷି)ର ଅଧିକାରୀ, କର୍ମଚାରୀଙ୍କ ସମେତ ସଦର, ରେମୁଣା ଓ ବସ୍ତା ବ୍ଲକର ଶତାଧିକ ଅଗ୍ରଣୀ ଚାଷୀ ଅଂଶଗ୍ରହଣ କରିଥିଲେ।

## ବସ୍ତା ମୁଖ୍ୟ ଚିକିତ୍ସାଳୟରେ ରାଜ୍ୟସ୍ତରୀୟ କାୟାକଳ୍ପ ଟିମ୍

**ବସ୍ତା, ୧୪।୧(ହରିଶଙ୍କର ପାଢୀ)**

ରାଜ୍ୟର ସମସ୍ତ ସରକାରୀ ମେଡିକାଲର ପରିବେଶ, ସ୍ୱଚ୍ଛତା ସହିତ ରୋଗୀମାନଙ୍କର ରହିବା, ଖାଇବା, ଅପରେଶନ ରୁମ୍, ଲେବର ରୁମ୍, ଫାର୍ମାସିଷ୍ଟଙ୍କ ମେଡିଶିନ ଷ୍ଟକ୍ ରୁମ୍, ଅଫିସ କାର୍ଯ୍ୟାଳୟଗୁଡ଼ିକର ସ୍ୱଚ୍ଛତାକୁ ଦୃଷ୍ଟିରେ ରଖି ମେଡିକାଲଗୁଡ଼ିକର ଉନ୍ନତି ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଇ ଆସୁଛନ୍ତି। ପର୍ଯ୍ୟାୟକ୍ରମେ ଟିମ୍ ଗଠନ କରି ସମସ୍ତ ମେଡିକାଲର ତଦନ୍ତ କରୁଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ବସ୍ତା ମୁଖ୍ୟଚିକିତ୍ସାଳୟକୁ ରାଜ୍ୟସ୍ତରୀୟ କାୟାକଳ୍ପ ଟିମ୍ ପରିଦର୍ଶନ କରିଥିଲେ। ତିନି ଜଣିଆ ଟିମ୍ ମେଡିକାଲରେ ପହଞ୍ଚି ମେଡିକାଲର ପରିମଳ ବ୍ୟବସ୍ଥା, ସିଏଚ ବିଲ୍ଡିଂ, ଶିଶୁ ୱାର୍ଡ଼, ଓଟି, ପାଣି ବ୍ୟବସ୍ଥା, ଆମ୍ବୁଲାନ୍ସ, ବର୍ଜ୍ୟବସ୍ତୁ ପରିଚାଳନା, ମେଡିକାଲ ଯନ୍ତ୍ରପାତିର ସୁବିଧା ଆଦି ସମ୍ପର୍କରେ ଜାଣିବା ସହ ବିଭିନ୍ନ ସ୍ଥାନ ବୁଲି ଦେଖିଥିଲେ। ତେବେ ଟିମ୍ ଆସିବା ପୂର୍ବରୁ ମେଡିକାଲ ପରିସରରେ ସଫେଇ ସହ ସୌନ୍ଦର୍ଯ୍ୟକରଣ ଉପରେ କର୍ତ୍ତୃପକ୍ଷ ଉଦ୍ୟମ ଯାଞ୍ଚ କରିଥିବା ଦେଖିବାକୁ ମିଳିଥିଲା। ଏହି ଟିମ୍‌ରେ ଡା. ପ୍ରମୋଦ କୁମାର ଦେ, ଡା. ପ୍ରଶାନ୍ତ କୁମାର ଦାସ, ଡାକ୍ତର ନିର୍ଲିପ୍ତ ଦାସ ଉପସ୍ଥିତ ଥିଲେ। ବସ୍ତା ଡାକ୍ତରଖାନାର ଭାରପ୍ରାପ୍ତ ଅଧିକାରୀ ଡା. ଦେବବ୍ରତ ଜେନା, ଡାକ୍ତର ହିମାଂଶୁ ପଲେଇ, ବିପିଏମ ଆରବିନ୍ଦ ଦିନ୍ଦା, ବିଏଏମ୍ ପଦ୍ମଲୋଚନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ରାଜ୍ୟସ୍ତରୀୟ କାୟାକଳ୍ପ ଟିମ୍‌ର ମାର୍କ ଉପରେ ମେଡିକାଲଗୁଡ଼ିକର ଭାଗ୍ୟ ନିର୍ଦ୍ଧାରଣ କରିବ ବୋଲି ଜଣାପଡ଼ିଛି।



କାୟାକଳ୍ପ ଟିମ୍ ସହ ମେଡିକାଲ କର୍ତ୍ତୃପକ୍ଷ।

## ମକର ପାଇଁ ଡଗରା, ହଂସକରା ବେଳାଭୂମି ଚଳଚଞ୍ଚଳ

**କାଳିପଦା, ୧୪।୧(ରାଜଶ୍ରୀ ପାଣିଗ୍ରାହୀ)**

ବାଲିଆପାଳ ବ୍ଲକରେ ଥିବା ପ୍ରମୁଖ ବେଳାଭୂମି ଡଗରା ହଂସକରା, ଯମୁନାଶୂଳ ମକରସଂକ୍ରାନ୍ତି ଉପଲକ୍ଷେ ଲୋକାରଣ୍ୟ ହୋଇପଡିଛି। ମଙ୍ଗଳବାର ପ୍ରାତଃରୁ ଓଡ଼ିଶା ଏବଂ ଓଡ଼ିଆ ବାହାରୁ ଶ୍ରଦ୍ଧାଳୁମାନେ ହଜାର ହଜାର ସଂଖ୍ୟାରେ ସମୁଦ୍ରରେ ବୁଡ଼ ପକାଇଥିଲେ। ଲୋକଙ୍କ ସମାଗମ ଏସବୁ ସ୍ଥାନରେ ଅଧିକ ହେଉଥିବାରୁ ୩ଦିନ ଧରି ମେଳାର ଆୟୋଜନ ମଧ୍ୟ କରାଯାଇଛି। ମେଳାର ମୁଖ୍ୟ ଆକର୍ଷଣ ମିନାବଜାର ଓ ଟିଭି ତାରକାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି। ବାଲିଆପାଳ ବେଳାଭୂମି ମହୋତ୍ସବ କମିଟି ଦ୍ୱାରା ୩ ଦିନ ଧରି ଡଗରା ବେଳାଭୂମି ମହୋତ୍ସବ ଅନୁଷ୍ଠିତ ହୋଇଥାଏ। ବାଲିଆପାଳ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।

## ଜାତୀୟ ଯୁବ ଦିବସ ଉଦ୍‌ଘାଟିତ



**ସୋର, ୧୪।୧(ଜନ୍ମେଜୟ ମିଶ୍ର):** ସ୍ୱାମୀ ବିବେକାନନ୍ଦ ଯୁବକ ସଂଘ ଓ ଭାରତ ସରକାରଙ୍କ ନେହେରୁ ଯୁବ କେନ୍ଦ୍ର ବାଲେଶ୍ୱର ଶାଖାର ମିଳିତ ଆନୁକୂଲ୍ୟରେ ସ୍ୱାମୀ ବିବେକାନନ୍ଦଙ୍କ ୧୬୨ତମ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ଉତ୍ସବ ୨୦୨୫ ସୋର ପୌରପାଳିକା ଅଧୀନ ଚକବାରହପୁରସ୍ଥିତ ଖେଳପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସକାଳେ ଅନୁଷ୍ଠିତ ମିନି ମାରାଥନରେ ସୋର ବିଧାୟକ ମାଧବ ଧଡା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସନ୍ଧ୍ୟାରେ ଆୟୋଜିତ ଆଲୋଚନାଚକ୍ରରେ ଯୁବକ ସଂଘ ସଭାପତି କମଳଲୋଚନ ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ସୋର ଥାନାର ଭାରପ୍ରାପ୍ତ ଅଧିକାରୀ ପ୍ରଭାଂଶୁ ଶେଖର ମିଶ୍ର, ମୁଖ୍ୟବକ୍ତା ସ୍ୱାମୀ ଗଣେଶାନନ୍ଦ ପୁରୀ, ସିମୁଳିଆ ବ୍ଲକର ଶିକ୍ଷାଧିକାରୀ ପ୍ରକାଶ ଚନ୍ଦ୍ର ମହାଳିକ ଯୋଗଦେଇ ବିବେକାନନ୍ଦଙ୍କ ଜୀବନୀ , ସନାତନ ସଂସ୍କୃତି ଏବଂ ରାଷ୍ଟ୍ର ନିର୍ମାଣରେ ଯୁବ ସମାଜର ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଯୁବକ ସଂଘର ବାର୍ଷିକ ମୁଖପାତ୍ର ନିବେଦିତା ଉନ୍ମୋଚନ ହୋଇଥିଲା। ଯୁବକ ସଂଘର କୋଷାଧ୍ୟକ୍ଷ ବିଶ୍ୱରଞ୍ଜନ ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମାରାଥନ ଏବଂ ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗୀମାନଙ୍କୁ ଉପସ୍ଥିତ ଅତିଥିମାନେ ପୁରସ୍କୃତ କରିଥିଲେ। ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗରୁ ଆସିଥିବା କଳାକାରମାନଙ୍କ ଦାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକମାନେ ବିମୋହିତ ହୋଇଥିଲେ। ଏହି ଅବସରରେ ଯୁବକ ସଂଘ ପକ୍ଷରୁ ଯୁବ ବୈଜ୍ଞାନିକ ଡଃ ଚିନ୍ମୟ କୁମାର କରଙ୍କୁ କୃଷ୍ଣଚନ୍ଦ୍ର କର ମେମୋରିଆଲ ଯୁବ ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ପାଦକ ସରୋଜ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଯୁବକ ସଂଘ ଉପସଭାପତି ପତିତପାବନ ମହାପାତ୍ର, ମୁଖ୍ୟ ପରିଚାଳକ ଲଳିତ କୁମାର ଦାସ, ସଦସ୍ୟ ରୁଦ୍ରନାରାୟଣ ମହାପାତ୍ର, ପ୍ରଭୁଜ୍ୟୋତି ମହାନ୍ତି, ନରେନ୍ଦ୍ର ବେହେରା, ରଶ୍ମିକାନ୍ତ ସାହୁ, ଦେବାଶିଷ ପୋଇ, ମଲିକ ରାଜା, ସ୍ଲୋଗାନ ଦାସ, ଗୋପାଳ ଚନ୍ଦ୍ର ବାରିକ, ସତ୍ୟଦାସ ଦାସ ଓ ପର୍ଶୁରାମ ମହାଳିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଘରୁ ଡାକି ନେଇ ଯୁବକଙ୍କୁ ହତ୍ୟା ଘଟଣା: ୨ ଭାଇ ଗିରଫ

ଢେଙ୍କିକୋଟ, ୧୪।୧(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଘଟଗାଁ ଥାନା ପାଣପଶି ଗ୍ରାମରେ ଗତ ୧୩ତାରିଖ ରାତିରେ ସୁବ୍ରତ କୁମାର ମହାକୁଡ଼ ନାମକ ଯୁବକଙ୍କୁ ଘରୁ ଡାକିନେଇ ସଂଘବଦ୍ଧ ଭାବେ ହତ୍ୟା କରାଯାଇଥିଲା। ଏହି ଘଟଣାରେ ଘଟଗାଁ ପୋଲିସ ଦୁଇଭାଇଙ୍କୁ ଗିରଫ କରିଛି। ପରକୀୟା ପ୍ରୀତିରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ସ୍ପଷ୍ଟ କରିଛି।

ସୁବ୍ରତଙ୍କର ଗିରଫ ଦୁଇ ଭାଇଙ୍କ ମଧ୍ୟରୁ ବଡ଼ ଭାଇଙ୍କ ସ୍ତ୍ରୀଙ୍କ ସହ ପ୍ରେମ ସମ୍ପର୍କ ଥିଲା। ଏ ସମ୍ପର୍କରେ ମହିଳାଙ୍କ ସ୍ୱାମୀ ଜାଣିବା ପରେ ସୁବ୍ରତଙ୍କୁ ଡାକି ବାରଣ କରିଥିଲେ। ବାରମ୍ବାର ବାରଣ ସତ୍ତ୍ୱେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ବଢି ଚାଲିଥିଲା। ସୁବ୍ରତଙ୍କ ସହିତ ମହିଳାଙ୍କ ସ୍ୱାମୀଙ୍କ ବାରମ୍ବାର ଝଗଡା ହୋଇଥିଲା। ସୁବ୍ରତ ନ ମାନିବାରୁ ତାଙ୍କୁ ସବୁ ଦିନ ପାଇଁ ରାସ୍ତାରୁ ହଟାଇବା ପାଇଁ ମହିଳାଙ୍କ ସ୍ୱାମୀ ଯୋଜନା କରିଥିଲେ। ୧୨ତାରିଖ ରାତିରେ ସୁବ୍ରତ ଶୋଇଥିବା ବେଳେ ତାଙ୍କୁ ଫୋନ କରି ଝଗଡା କରିବା ସହ ତାଙ୍କ ଘରକୁ ଆସିଲେ ହାଣିଦେବେ କହିଥିଲେ। ସୁବ୍ରତ ରାଗ ଜର ଜର ହୋଇ ମହିଳାଙ୍କ ଘର ନିକଟକୁ ଆସିଥିବା ବେଳେ ଯୋଜନାବଦ୍ଧ ଭାବେ ଦୁଇ ଭାଇ ଟାଙ୍ଗିଆ ଏବଂ ଲୁହା ପାଇପ ଧରି ଜୀବନରୁ ମାରି ଦେବା ପାଇଁ ପ୍ରସ୍ତୁତ ହୋଇଥିଲେ। ସୁବ୍ରତ ପହଞ୍ଚିବା କ୍ଷଣି ଅନ୍ଧାରର ସୁଯୋଗ ନେଇ ତାଙ୍କ ମୁଣ୍ଡ ବେକକୁ ବାରମ୍ବାର ଚୋଟ ପରେ ଚୋଟ ହାଣି ତଳେ ପକାଇ ଦେଇଥିଲେ। ଲୁହା ପାଇପରେ ମୁଣ୍ଡକୁ ମାରି ଫଟାଇ ଦେଇଥିଲେ। ପରେ ରାସ୍ତା ଫିଙ୍ଗି ଦେଇଥିଲେ। ଘଟଗାଁ ଥାନା ଆଇଆଇସି ଶୁଭ୍ରାନ୍ତ କୁମାର ଜେନା ଘଟଣାର ତଦନ୍ତ କରି ଥାନାରେ ହତ୍ୟା ମାମଲା(ନଂ.୨୫/୨୫) ରୁଜୁ କରି ମଙ୍ଗଳବାର ଦୁଇ ଭାଇଙ୍କୁ ଗିରଫ କରିଛି। ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ଏବଂ ଲୁହା ପାଇପ ପୋଲିସ ଜବତ କରିବା ସହ ସନ୍ଧ୍ୟା ୭ଟା ବେଳେ କୋର୍ଟଚାଲାଣ କରିଛି। ପୋଲିସ ଦୁଇ ଭାଇଙ୍କୁ ଘଟଣାସ୍ଥଳକୁ ନେଇ ସିନ୍ ରିକ୍ରିଏଶନ କରିଛି। ଉଲ୍ଲେଖଯୋଗ୍ୟ, ଦୀର୍ଘଦିନ ହେଲା ଦୁଇ ଭାଇ ଚେନ୍ନାଇରେ ରହି କାମ କରୁଥିବା ବେଳେ ମକର ପରବକୁ ଗାଁକୁ ଆସିଥିଲେ।

## ଅସହାୟଙ୍କୁ କମ୍ବଳ ବଣ୍ଟନ

ଖଇରା, ୧୪।୧(ଉତ୍କଳବନ୍ଧୁ ପଣ୍ଡା)-ଖଇରା ତଥା ନୂଆଦିଲ୍ଲୀରେ ଜନସେବାକୁ ମୂଳମନ୍ତ୍ର କରି ଆଗେଇ ଚାଲିଥିବା ଆୟୁଷ୍ମାନ ଫାଉଣ୍ଡେଶନ ପୁଣି ଏକ ମହତ କାର୍ଯ୍ୟ ପାଇଁ ସାଧାରଣରେ ପ୍ରଶଂସିତ ହୋଇଛି। ଦିଲ୍ଲୀର ପ୍ରବଳ ଶୀତରେ ରାସ୍ତାକଡରେ ଥରୁଥିବା ଅସହାୟ ଅନାଥ ବ୍ୟକ୍ତିଙ୍କ ପାଖରେ ସଙ୍ଗଠନ ସଦସ୍ୟମାନେ ପହଞ୍ଚି ସେମାନଙ୍କୁ କମ୍ବଳ ଦେଇ ମାନବିକତାର ପରିଚୟ ଦେଇଛନ୍ତି। ଏଥିପାଇଁ କୌଣସି ବିଦେଶୀ ପାଣ୍ଠି ଯୋଗାଡ କରିବା ବଦଳରେ ସଦସ୍ୟମାନେ ନିଜ ସଞ୍ଚିତ ଅର୍ଥରୁ କିଛି କିଛି ଏହି କମ୍ବଳକିଣାରେ ବିନିଯୋଗ କରି ଏଭଳି ମହତକାର୍ଯ୍ୟରେ ନିଜକୁ ସାମିଲ କରିଛନ୍ତି। ସଙ୍ଗଠନର ସଂସ୍ଥାପକ ଶ୍ରୀମନ୍ତ ବିଶ୍ୱାଳଙ୍କ ପରାମର୍ଶକ୍ରମେ ଆଲୋକ ରଞ୍ଜନ, ଭୂପତି ରାଉତ, ଆଲୋକ ମହୁରୀ, ପ୍ରମୋଦ ସାମଲ, ନିବେଦିତା ଜେନା, ଦେବାଶିଷ ବେହେରା, ନିର୍ମଳ ଦାସ, ଲକ୍ଷ୍ମୀଧର ପରିଡା ଓ ଗଜେନ୍ଦ୍ର ବାରିକ ପ୍ରମୁଖ ନୂଆଦିଲ୍ଲୀର ଲକ୍ଷ୍ମୀନଗର, ସିଲମପୁର, କ୍ରିଷ୍ଣାନଗର ଓ ଗାନ୍ଧୀନଗର ଆଦି ଅଞ୍ଚଳକୁ ଯାଇ ଏହି କାର୍ଯ୍ୟରେ ସାମିଲ ହୋଇଥିବା ଜଣାଯାଇଛି।



## ଜଗନ୍ନାଥ ଧାମକୁ ପଦଯାତ୍ରା କଲେ ୨ ଯୁବକ



**ବଡଲା, ୧୪।୧(ଦୁର୍ଗା ପ୍ରସାଦ ଆୟଚ)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅଧୀନ ସୋସୋ ଗ୍ରାମର ୨ ଯୁବକ ପ୍ରତ୍ୟୁଷ ମହାନ୍ତି ଓ ଆଲୋକ ନାୟକ ମଙ୍ଗଳବାର ମକର ସଂକ୍ରାନ୍ତିଠାରୁ ଜଗନ୍ନାଥ ଧାମ ପୁରୀକୁ ପଦଯାତ୍ରା କରିଛନ୍ତି। ଏହାକୁ ନେଇ ଗ୍ରାମରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିବା ବେଳେ ଗ୍ରାମଦେବତୀଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା। ଗ୍ରାମର ବହୁ ବ୍ୟକ୍ତି, ବିଭିନ୍ନ ସଙ୍ଗଠନ, ପୂର୍ବତନ ସରପଞ୍ଚ ବୈଲୋଚନ ନାୟକ ଏବଂ ତାଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ଦୁଇ ଯୁବକଙ୍କ ଏଭଳି ପଦଯାତ୍ରାକୁ ସ୍ୱାଗତ କରିଥିଲେ।

## ରାତିରେ ରାସ୍ତା କାମ ନେଇ ଅସନ୍ତୋଷ

ନୀଳଗିରି, ୧୪।୧(ପ୍ରଶାନ୍ତ ବିଶ୍ୱାଳ): ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଭଡଁରିଆବାଡ଼ ପଞ୍ଚାୟତର ଆର୍‌ଡି ରୋଡ୍‌ଠାରୁ ଗୟାଧର ମହାନ୍ତିଙ୍କ ଘର ପର୍ଯ୍ୟନ୍ତ ଚାଲିଥିବା ଢଳେଇ ରାସ୍ତା କାମ ସୋମବାର ରାତିରେ ହେଉଥିବା ଦେଖିବାକୁ ମିଳିଥିଲା। ଉକ୍ତ ରାସ୍ତା କାମ ପଞ୍ଚାୟତର ନିଜସ୍ୱ ପାଣ୍ଠିରେ ନିର୍ମାଣ ହେଉଥିବା ବେଳେ ସୂଚନାଫଳକ ନ ଥିବାରୁ ଏହାର ଅଟକଳ ୨ଲକ୍ଷ ଟଙ୍କା ଶୁଣିବାକୁ ମିଳିଛି। ଠିକାଦାର ଜଣଙ୍କ ମିସ୍ତ୍ରୀଙ୍କୁ ନେଇ ରାତି ପ୍ରାୟ ସାଢ଼େ ୯ଟା ବେଳେ ଜେଇଙ୍କ ଅନୁପସ୍ଥିତିରେ ଏହି ରାସ୍ତା ଢଳେଇ କରୁଥିଲେ। ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀ ରମେଶ ଚନ୍ଦ୍ର ସିଂଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଠିକାଦାର ଜଣକ ଢଳେଇରେ ବ୍ୟବହୃତ ହେଉଥିବା କାଦୁଅମିଶା ଚିପ୍ସରେ କାମ କରୁଥିବା ଦେଖିବାକୁ ମିଳିଛି। ତେବେ ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତି, ରାତିରେ କାମ କରିବା, ସର୍ବୋପରି ଉକ୍ତ କାର୍ଯ୍ୟରେ ବ୍ୟବହୃତ ହେଉଥିବା ଚିପ୍ସକୁ ନେଇ ଲୋକଙ୍କ ମନରେ ଅସନ୍ତୋଷ ଦେଖାଦେଇଛି। ଏନେଇ ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ପରେ ମଧ୍ୟ କନିଷ୍ଠଯନ୍ତ୍ରୀ ସିଂ ଘଟଣାସ୍ଥଳକୁ ନ ଆସିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ବିଭାଗୀୟ ସହକାରୀ ନିର୍ବାହୀଯନ୍ତ୍ରୀ ଶରତ ଚନ୍ଦ୍ର ଉପାଧ୍ୟାୟଙ୍କୁ ପଚାରିବାରୁ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଜିଲା କ୍ରୀଡ଼ା ସଂସ୍ଥା ବୈଠକ ବସୁନି, ନିର୍ବାଚନ ହେଉନି

**କେନ୍ଦୁଝର,୧୪।୧(ଦୀପକ ମିଶ୍ର)**

କେନ୍ଦୁଝର ଜିଲା କ୍ରୀଡ଼ା ସଂସ୍ଥା କର୍ମକର୍ତ୍ତା ନିର୍ବାଚନ ୮ ବର୍ଷ ଧରି ହେଉନାହିଁ। ଏପରିକି ବାର୍ଷିକ ସାଧାରଣ ବୈଠକ ମଧ୍ୟ ବସୁ ନ ଥିବା ଅଭିଯୋଗ ହେଉଛି। ଫଳରେ କମିଟିର କାର୍ଯ୍ୟକାଳ ଶେଷ ହୋଇଥିଲେ ମଧ୍ୟ ନିର୍ବାଚନ ହେଉ ନ ଥିବାରୁ ଜିଲାରେ କ୍ରୀଡ଼ାର ବିକାଶରେ ଅନ୍ତରାୟ ସୃଷ୍ଟି ହେଉଛି ବୋଲି ସଦସ୍ୟ ସଂଗ୍ରାମ ପଟ୍ଟନାୟକ କହିଛନ୍ତି। ପୂର୍ବତନ ଓ ବର୍ତ୍ତମାନର ଜିଲାପାଳଙ୍କୁ ଏ ସମ୍ପର୍କରେ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି।

ପ୍ରକାଶ ଯେ, ଜିଲା କ୍ରୀଡ଼ା ସଂସ୍ଥାର ସମ୍ବିଧାନ ଅନୁଯାୟୀ ନିର୍ବାଚିତ କାର୍ଯ୍ୟକର୍ତ୍ତାଙ୍କ ୪ ବର୍ଷ ଅବଧି ରହିଛି। ଇତିମଧ୍ୟରେ ନିର୍ବାଚିତ କର୍ମକର୍ତ୍ତାଙ୍କ ୮ ବର୍ଷ ଶେଷ ହୋଇଥିବା ବେଳେ ସଂସ୍ଥାର ନିର୍ବାଚନ ପ୍ରକ୍ରିୟା ଆରମ୍ଭ ନ ହେବାକୁ ନେଇ ସଂସ୍ଥା ସଦସ୍ୟଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜିଲା କ୍ରୀଡ଼ା ସଂସ୍ଥାରେ ସ୍ୱଚ୍ଛତା ନ ରହିବା ଏବଂ ସଂସ୍ଥା ଅଧୀନରେ ପରିଚାଳିତ ବହୁ ପୁରାତନ କେନ୍ଦୁଝର ଷ୍ଟାଡ଼ିୟମର ରକ୍ଷଣାବେକ୍ଷଣ ଅଭାବରୁ ପଡ଼ିଆ ନଷ୍ଟହେବାରେ ଲାଗିଛି। ଗତ ନିର୍ବାଚନରେ ୧୮୦ ଜଣ ପାଖାପାଖି ଭୋଟ ଦେଇଥିବାବେଳେ ବର୍ତ୍ତମାନ ୧୫୦ଜଣ ସଦସ୍ୟ ଅଛନ୍ତି। ସଂସ୍ଥାର ଯୁଗ୍ମ ସମ୍ପାଦକ ରମାକାନ୍ତ ମହାନ୍ତି ତାଙ୍କ ପଦବୀ ସମେତ ସଂସ୍ଥାର ପ୍ରାଥମିକ ସଦସ୍ୟ ପଦରୁ ଇତିମଧ୍ୟରେ ଇସ୍ତଫା ଦେଇଥିବା ବେଳେ ସଂସ୍ଥାର ଉପସଭାପତି ଥିବା ଧୀରେନ୍ଦ୍ର ରାଉତ ଓ କାଉନ୍‌ସିଲ ସଦସ୍ୟ ଉମେଶ ଚନ୍ଦ୍ର ଦାସଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ସଦସ୍ୟଙ୍କ ବିୟୋଗ ଘଟିଛି। ଏହା ଏକ ବେସରକାରୀ ଅନୁଷ୍ଠାନ ହୋଇଥିବା ସତ୍ତ୍ୱେ ସମ୍ବିଧାନ ଅନୁସାରେ ଜିଲାପାଳ ଏହାର ସଭାପତି ଓ ଏସ୍‌ପି ବରିଷ୍ଠ ଉପ ସଭାପତି ରହିଛନ୍ତି। ଦରବାର ହଲ୍‌ଠାରେ ଅନୁଷ୍ଠିତ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣିରେ ଲିଖିତ ଭାବେ ଜଣାଇ ନିର୍ବାଚନ କରିବାକୁ ସଭ୍ୟ ରବିନାରାୟଣ ଦାସ ଅଭିଯୋଗ କରିଛନ୍ତି। ଏଥିସହ ସଂସ୍ଥାର ବିଭିନ୍ନ କାର୍ଯ୍ୟକଳାପ ସମ୍ପର୍କରେ ସଦସ୍ୟଙ୍କୁ ଅବଗତ ନ କରିବା, ବର୍ଷକୁ ଥରୁଟିଏ ସଂସ୍ଥାର ସାଧାରଣ ବୈଠକ ଆହୂତ କରିବା, ଦୀର୍ଘବର୍ଷ ଧରି ବନ୍ଦ ରହିଥିବା ଧନୁର୍ଜୟ ନାରାୟଣ ଭଞ୍ଜଦେଓ ଫୁଟ୍‌ବଲ ପ୍ରତିଯୋଗିତା ପୁନଃ ଆରମ୍ଭ କରିବା ଏବଂ ୧୯୮୦ ମସିହାଠାରୁ ସଂସ୍ଥାର ନୂତନ ସଦସ୍ୟ ଗ୍ରହଣ କରାଯାଇ ନ ଥିବାରୁ ତୁରନ୍ତ ନୂତନ ସଦସ୍ୟ ଗ୍ରହଣ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସଦସ୍ୟ ଦାସ ନିବେଦନ କରିଛନ୍ତି। ନିକଟ ଅତୀତରେ ମଧ୍ୟ ସଂଘର ୬୦ଜଣ ସଦସ୍ୟ ବାର୍ଷିକ ସାଧାରଣ ବୈଠକ ଓ ନିର୍ବାଚନ କରିବାକୁ ଜିଲାପାଳ ବିଶାଳ ସିଂହଙ୍କୁ ସାକ୍ଷାତକରି ଦାବି କରିଥିଲେ। ବହୁ ସଦସ୍ୟ ଅନୁରୋଧ କରିଥିଲେ ମଧ୍ୟ ପ୍ରଶାସନ ନିର୍ବାଚନ କରିବାକୁ କାହିଁକି ଆଗ୍ରହ ପ୍ରକାଶ କରୁନାହିଁ ତାହା ବୁଝାପଡୁନାହିଁ ବୋଲି ସଭ୍ୟ ସଞ୍ଜୟ ମହାପାତ୍ର ପ୍ରକାଶ କରିଛନ୍ତି। ଅନ୍ୟପଟେ କିଛିଦିନ ତଳେ କାର୍ଯ୍ୟକାଳ ସରିଥିବା ସତ୍ତ୍ୱେ ସମ୍ପାଦକ ଦାୟିତ୍ୱ ତୁଲାଉଥିବା ସମ୍ପାଦକ ଡା. ଜନାର୍ଦ୍ଦନ ଦାଶଙ୍କ ନେତୃତ୍ୱରେ କେତେଜଣ ସଦସ୍ୟ ଜିଲାପାଳଙ୍କୁ ଭେଟି ନିର୍ବାଚନ କରାଇବାକୁ ଅନୁରୋଧ କରିଥିବା ଜଣାପଡ଼ିଛି। ଜିଲା କ୍ରୀଡ଼ା ଅଧିକାରୀ ଜିତେନ୍ଦ୍ର ମହାକୁଡ଼ କହିଛନ୍ତି, ତୁରନ୍ତ ନିର୍ବାଚନ କରିବାକୁ ପଦକ୍ଷେପ ନିଆଯାଉଛି ।

# ମକର ସଂକ୍ରାନ୍ତିରେ ଚଳଚଞ୍ଚଳ ଧୂନିବାଡ଼ି

## ପ୍ରତ୍ୟକ୍ଷ ଠାକୁରାଣୀ ମା' ସଙ୍କଟ ତାରିଣୀ

ଭଦ୍ରକ,୧୪।୧(ସନାତନ ରାଉତ)

ମକର ସଂକ୍ରାନ୍ତି ଅବସରରେ ମଙ୍ଗଳବାର ଚଳଚଞ୍ଚଳ ହୋଇଛି ମା' ସଙ୍କଟ ତାରିଣୀଙ୍କ ପୀଠ ଧୂନିବାଡ଼ି। ମା'ଙ୍କ ପାଖରେ ଯିଏ ଯାହା ମାନସିକ ରଖନ୍ତି, ତାହା ନିଶ୍ଚିତ ପୂରଣ ହୁଏ ବୋଲି ଲୋକଙ୍କ ଅଖଣ୍ଡ ବିଶ୍ୱାସ ରହିଛି। ଆଖପାଖ ୫ଖଣ୍ଡ ଗାଁରେ ବିପଦ ଆସିଲେ ଲୋକେ ଧୂନିବାଡ଼ି ପୀଠରେ ବିରାଜିତ ମା' ସଙ୍କଟ ତାରିଣୀଙ୍କୁ ବିପଦରୁ ଉଦ୍ଧାର ପାଇଁ ଆକୁଳ ନିବେଦନ କରିଥାନ୍ତି। ବଡ଼ ବଡ଼ ସଙ୍କଟରୁ ମା' ରକ୍ଷା କରିଥାନ୍ତି ବୋଲି ସ୍ଥାନୀୟ ଲୋକଙ୍କର ଦୃଢ଼ ବିଶ୍ୱାସ ରହିଛି।

ବନ୍ତ ବ୍ଲକ ଅଧୀନ ଆଡ଼ିଆ ପଞ୍ଚାୟତର କୁଆଁର୍ଦା ଗ୍ରାମର ଦକ୍ଷିଣ ଦିଗରେ ରହିଛି ଏହି ପ୍ରତ୍ୟକ୍ଷ ଠାକୁରାଣୀଙ୍କ ପୀଠ। ପ୍ରତିବର୍ଷ ମକର ସଂକ୍ରାନ୍ତିରେ ଧୂନିବାଡ଼ିରେ ମେଳା



ସଙ୍କଟ ତାରିଣୀ ପୀଠ।

ଅନୁଷ୍ଠିତ ହୋଇଆସୁଛି। ଚଳିତ ବର୍ଷ ବିଭିନ୍ନ ଦୋକାନ ବଜାର ସାଙ୍ଗକୁ ଦୋଳି ମଧ୍ୟ ପଡ଼ିଛି। ୩ ଦିନ ଏଠାରେ ମେଳା ଚାଲିବାକୁ ଥିବାବେଳେ ଭଜନ କୀର୍ତ୍ତନ ସାଙ୍ଗକୁ ପାଲା ଓ ଅପେରା ପରିବେଷଣ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତି ପଞ୍ଚାୟତ ନିର୍ବାଚନରେ ପ୍ରାର୍ଥୀମାନେ ମା'ଙ୍କ ପୀଠରୁ ଶୋଭାଯାତ୍ରାରେ ଯାଇ ନାମାଙ୍କନ ଦାଖଲ କରିଥାନ୍ତି। ମା'ଙ୍କୁ ମାନସିକ କରି ତାଙ୍କ ପୀଠରୁ ପୂଜା କରି ଶୋଭାଯାତ୍ରାରେ ଗଲେ ନିର୍ବାଚନରେ ସଫଳତା ମିଳିଥାଏ ବୋଲି ବିଶ୍ୱାସ ରହିଛି। ଲୋକକଥା ଅନୁସାରେ, ବହୁ ପୂର୍ବରୁ ଗାଁର ଦକ୍ଷିଣ ପଶ୍ଚିମ ଦିଗରେ ଏକ ଘଞ୍ଚ ଜଙ୍ଗଲ ଥିଲା। ସେହି ଜଙ୍ଗଲ ମଧ୍ୟରେ ଏକ ସରୋବର କୂଳରେ କର୍ଦ୍ଦମ ନାମକ ଜଣେ ଋଷି ବାସ କରୁଥିଲେ। ସେହି ଜଙ୍ଗଲରେ ବାସ କରୁଥିବା ସଂକଟ ନାମକ ଏକ ରାକ୍ଷସ ଋଷିଙ୍କ ତପସ୍ୟାରେ ବାରମ୍ବାର ବିଘ୍ନ ସୃଷ୍ଟି କରୁଥିଲା। ସ୍ଥାନୀୟ ଲୋକଙ୍କ ଉପରେ ମଧ୍ୟ ବହୁ ଅତ୍ୟାଚାର କରୁଥିଲା। ସେତେବେଳେ ଏହି ଅଞ୍ଚଳର ଚାଷୀମାନେ ଚାଉଳ ବିକିବାକୁ ଦଳବଦ୍ଧ ଭାବେ ବଳଦ ପିଠିରେ ଚାଉଳ ବସ୍ତା ଲଦି ଝାଡ଼ଖଣ୍ଡ ରାଜ୍ୟକୁ ଯାଆନ୍ତି। ଏକଦା ଏହି ଚାଷୀମାନେ ଝାଡ଼ଖଣ୍ଡରୁ ଫେରୁଥିବା ବେଳେ ଜଙ୍ଗଲ ରାସ୍ତାରେ ରାତି ହୋଇଯାଇଥିଲା। ଭୟଭୀତ ହୋଇ ସମସ୍ତେ ଏକ ସ୍ୱରରେ ବନଦେବୀଙ୍କୁ ଡାକିବାରୁ ସେମାନଙ୍କ ଡାକ ଶୁଣି ବନଦେବୀ ଏକ ଜ୍ୟୋତି ରୂପରେ ଆବିର୍ଭାବ ହୋଇଥିଲେ। ସେମାନଙ୍କୁ ଜଙ୍ଗଲ ପାରି କରିବା ପାଇଁ ସାଙ୍ଗରେ ମଧ୍ୟ ଆସିଥିଲେ। ଠିକ୍ ସେହିଦିନ ଋଷିଙ୍କ ଯଜ୍ଞରେ ରାକ୍ଷସ ବିଘ୍ନ ସୃଷ୍ଟି କରୁଥାଏ। ବନଦେବୀ ଜ୍ୟୋତି ରୂପରେ ଆବିର୍ଭାବ ହୋଇ ରାକ୍ଷସକୁ ସେଠାରୁ ବିତାଡ଼ିତ କରିଥିଲେ। ସେହି ଜ୍ୟୋତିକୁ ଗାଁ ଲୋକେ ସେଠାରେ ସ୍ଥାପନ କରି ପୂଜାର୍ଚ୍ଚନା ଆରମ୍ଭ କରିଥିଲେ। କର୍ଦ୍ଦମ ଋଷିଙ୍କ ନାମାନୁସାରେ ଏହି ଗାଁର ନାମକୁ କୁଆଁର୍ଦା ରଖାଯାଇଛି ବୋଲି ଗ୍ରାମର ବୟୋଜ୍ୟେଷ୍ଠ ଲୋକେ କହନ୍ତି।

## ଭତ୍ତା ପ୍ରଦାନ ପାଇଁ ବନ୍ଦୀ ଚିହ୍ନଟ ପ୍ରକ୍ରିୟା ଆରମ୍ଭ

ଭଦ୍ରକ,୧୪।୧(ସନାତନ ରାଉତ)

ଜରୁରିକାଳୀନ ପରିସ୍ଥିତିରେ କାରାବରଣ କରିଥିବା ବନ୍ଦୀମାନଙ୍କୁ ମାସିକ ୨୦ ହଜାର ଟଙ୍କା ଭତ୍ତା ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କ ଘୋଷଣା ଅନୁଯାୟୀ ଜିଲା ପ୍ରଶାସନ ଜରିଆରେ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ କମିଟି ଜରିଆରେ ଅନୁମୋଦିତ ଯୋଗ୍ୟମାନଙ୍କୁ ଚଳିତବର୍ଷ ଜାନୁଆରୀ ୧ରୁ ଏହି ଭତ୍ତା ସହ ନିଃଶୁଳ୍କ ଚିକିତ୍ସା ସେବା ମଧ୍ୟ ପ୍ରଦାନ କରାଯିବ। ଆବେଦନକାରୀମାନେ ଜିଲାପାଳଙ୍କୁ ଫର୍ମ ଜରିଆରେ ଆବେଦନ କରିବେ। କାରାବରଣ କରିଥିବା ପ୍ରମାଣ ସ୍ୱରୂପ ଆବଶ୍ୟକ କାଗଜପତ୍ର ଏବଂ ୩ଜଣ ବିଶିଷ୍ଟ ସହ ବନ୍ଦୀଙ୍କ ନାମ, ଆଫିଡେଭିଟ୍ ଆଦି ଦରଖାସ୍ତ ସହ ଦାଖଲ କରିବାକୁ ପଡ଼ିବ। ଜିଲା ପ୍ରଶାସନ ଦ୍ୱାରା ଗଠିତ କମିଟି ଦ୍ୱାରା ଚିହ୍ନଟ ଦରଖାସ୍ତ ରାଜ୍ୟସ୍ତରକୁ ଦିଆଯିବ। ଏନେଇ ରାଜ୍ୟସ୍ତରରେ ଆଭାସୀ ଜରିଆରେ ବୈଠକ ପରେ ଜିଲାପାଳ ଦିଲୀପ ରାଉତରାଏ ସୂଚନା ଦେଇଛନ୍ତି। ଭଦ୍ରକ ଜେଲର ଚେତନା ପାତ୍ର, ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଓସ୍ୱାନ୍ ହଲ୍‌ରେ ଅନୁଷ୍ଠିତ ଜିଲାସ୍ତରୀୟ ଆଭାସୀ ବୈଠକରେ ଉପସ୍ଥିତ ଥିଲେ।

## ଆଖଣ୍ଡଳମଣିଙ୍କୁ ମକର ଚାଉଳ, ପୋଡ଼ପିଠା ଭୋଗ



ଧୂଷୁରୀ, ୧୪।୧ (ଦୀପ୍ତିରଞ୍ଜନ ନାୟକ)

ମକର ସଂକ୍ରାନ୍ତିରେ ମଙ୍ଗଳବାର ଆରଡ଼ି ଆଖଣ୍ଡଳମଣି ପୀଠ ଚଳଚଞ୍ଚଳ ହୋଇଉଠିଥିଲା। ଭୋର ୪ଟାରେ ମନ୍ଦିର ପହଡ଼ ଖୋଲାଯାଇ ମଙ୍ଗଳ ଆଳତି କରାଯାଇଥିଲା। ଭକ୍ତମାନେ ଲମ୍ବାଧାଡ଼ିରେ ଆସି ମଙ୍ଗଳ ଆଳତି ସହ ବାବାଙ୍କୁ ଦର୍ଶନ କରିଥିଲେ। ପରେ ପାଳିଆ ସେବାୟତଙ୍କ ଦ୍ୱାରା ଘର୍ଷଣ ଭୋଗ, ମକର ଚାଉଳ ଓ ପୋଡ଼ପିଠା ବାବା ଆଖଣ୍ଡଳମଣିଙ୍କୁ ସମର୍ପଣ କରାଯାଇଥିଲା। ଏହାପରେ ସେବାୟତମାନେ ମକର ଚାଉଳ ଓ ପୋଡ଼ପିଠା ଭୋଗ ଲାଗି କରିଥିଲେ।

ପୀଠରେ ଦିନତମାମ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଭିଡ଼କୁ ଦୃଷ୍ଟିରେ ରଖି ଜିଲା ଓ ମନ୍ଦିର ପ୍ରଶାସନ ପ୍ରଶାସନ ପକ୍ଷରୁ ଦିଆଁ ଦର୍ଶନ ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଭକ୍ତମାନେ କିପରି ସୁରୁଖୁରୁରେ ଦର୍ଶନ କରିବେ ସେଥିଲାଗି ସମସ୍ତ ବ୍ୟବସ୍ଥା ହୋଇଥିଲା। ନଦୀ ପାରି ହୋଇ ପୀଠକୁ ଆସୁଥିବା ଭକ୍ତଙ୍କ ଲାଗି ତିନିତର, ମୁଆଁ ଓ ଧାନଖଣିଆ ଘାଟରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଡୁଙ୍ଗୁଡ଼ିରେ ନଦୀ ପାରି ହେଉଥିବା ସମସ୍ତ ଶ୍ରଦ୍ଧାଳୁ ଲାଇଫ୍ ଜ୍ୟାକେଟ ପିନ୍ଧିଥିଲେ। ପୀଠରେ ଶାନ୍ତିଶୃଙ୍ଖଳାର ସହ ମକର ସଂକ୍ରାନ୍ତି ପାଳନ ହୋଇଥିବାରୁ ଭଦ୍ରକ ଜିଲାପାଳ ଦିଲୀପ ରାଉତରାଏ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ ଓ ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ ସମସ୍ତ ସେବାୟତ, ବାରପଡ଼ାବାସୀ ଓ ଶ୍ରଦ୍ଧାଳୁମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## 'ସାଂସ୍କୃତିକ ମହୋତ୍ସବ ମୈତ୍ରୀ, ଭାଇଚାରାର ସନ୍ଦେଶ ଦିଏ'



ଭଦ୍ରକ ସାଂସ୍କୃତିକ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥି ଓ ଅନ୍ୟମାନେ।

ଭଦ୍ରକ,୧୪।୧(ରବିନାରାୟଣ ଖିଲାର)

ମହୋତ୍ସବ ହେଉ କିମ୍ବା ମେଳା ଏହା ସାହିତ୍ୟ, ସଂସ୍କୃତି ଓ ଐତିହ୍ୟର ଗାଥା ଗାଏ। ମୈତ୍ରୀ ଓ ଭାଇଚାରାର ସନ୍ଦେଶ ଦେଇଥାଏ, ଯାହାକି ଭଦ୍ରକ ଭଳି ଏକ ଭାଇଚାରା ସହରରେ ଶାନ୍ତି, ଭାତୃତ୍ୱ ବନ୍ଧନ ନିବିଡ଼ ହୋଇଥାଏ ବୋଲି ସାଂସ୍କୃତିକ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମୁଖ୍ୟଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ମୁଖ୍ୟବକ୍ତା ପ୍ରାକ୍ତନ କାଉନସିଲର ପ୍ରବୀର ଜେନା ଏବଂ ସମ୍ମାନିତ ଅତିଥି ଭାବେ କାଉନସିଲର ସେକ ସାଇଦ, ସେକ ଜୁଲ ଫିକର, ଯୁବନେତା ରାଜେଶ ଦାସ, ସୂର୍ଯ୍ୟ ଦାସ, ଭବେଶ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ଆଶିଷ ଅମିତାଭ ମହାପାତ୍ର ମଞ୍ଚ ଆମନ୍ତ୍ରଣ, ପ୍ରଧାନ ଶିକ୍ଷୟିତ୍ରୀ ଜାନକୀ ପାଢ଼ୀ ବେଦପାଠ ଓ ଶିକ୍ଷୟିତ୍ରୀ ମନୋରମା ରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପଦେଷ୍ଟା ଅଞ୍ଜନା ମିଶ୍ର, କାର୍ଯ୍ୟକାରୀ ସଭାପତି ସୁପ୍ରଭା ପାଣି, ଚଇତାଳି ଖିଲାର, ଶଶିକଳା ମିଶ୍ର, ସଂଯୁକ୍ତା ବଳ ନାୟକ ପ୍ରମୁଖ ପ୍ରାରମ୍ଭିକ ସଂଗୀତ ଗାଇଥିଲେ। କୋଷାଧ୍ୟକ୍ଷ ପ୍ରିୟଦର୍ଶନ ବୋଇତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କମିଟି ପକ୍ଷରୁ ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି, ପ୍ରଭାତ ଜେନା, ସଞ୍ଜୀବ ହିରୋ ମୁଖ୍ୟ ପ୍ରୀତିରଞ୍ଜନ ଜେନା, ଖବରଦାତା ସ୍ମୃତିରଞ୍ଜନ ସାହୁ, ଉମାକଲ୍ୟାଣ ମହାପାତ୍ର, ପାର୍ଥ ସାରଥୀ ନାୟକ, ଅତିଶ ଦାସ, ପ୍ରଭାତ ଦାସ, ବିଜୟ କୁଅଁର, ଦମୟନ୍ତୀ ରାଉତ, ତେଜସ୍ୱିନୀ ଦାସ, ସଂଯୁକ୍ତା ମହାନ୍ତି, ସୁବ୍ରତ ଦୀକ୍ଷିତ, ଭି. ଶିବଶଙ୍କର ପ୍ରମୁଖ କର୍ମକର୍ତ୍ତା ମଞ୍ଚ ପରିଚାଳନା କରିଥିଲେ। ଖବରଦାତା ମଳୟ କୁମାର ପରିଡ଼ା, ପ୍ରଭାତ ଦାଶ, ସେବିକା ମାନସୀ କୁଅଁର, ନୃତ୍ୟଶିଳ୍ପୀ ଜାଗୃତି ମଲ୍ଲିକ, ସଂଗୀତରେ ଶୋଭନ୍ସୀ ବୋଇତି ଓ ଯାଦୁକର ଶାନ୍ତନୁ ଦଲେଇଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ସମସ୍ତ ନୃତ୍ୟ ଅନୁଷ୍ଠାନର ନୃତ୍ୟଗୁରୁ ଓ ପିଲାମାନଙ୍କୁ ପ୍ରଶଂସାପତ୍ର ସହ ମେଡାଲ ପ୍ରଦାନ କରାଯାଇଥିଲା। କମିଟି ଉପଦେଷ୍ଟା ଅଧ୍ୟକ୍ଷ ନୀହାର ରଞ୍ଜନ କର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଦପାନାୟକାଣୀ ପୀଠ, କାଞ୍ଜିଆପାଳ ମଠ ପରିଦର୍ଶନ କଲେ ମନ୍ତ୍ରୀ

ଧାମନଗର/ଅସୁରାଳି,୧୪।୧
(ଦେବେନ୍ଦ୍ର ଆଢ଼ିଆ/ ସନ୍ତୋଷ ପ୍ରଧାନ)

ମକର ସଂକ୍ରାନ୍ତି ପାଇଁ ଧାମନଗର ବ୍ଲକର ଫଳପୁରସ୍ଥିତ ଦପାନାୟକାଣୀ ପୀଠ, ବରୁଣେଇ ପୀଠ, ଖଡ଼ିପଦା ପଞ୍ଚାୟତର କାଞ୍ଜିଆପାଳ ମଠ ଚଳଚଞ୍ଚଳ ହୋଇଉଠିଛି। ଭଟସାହି ପଞ୍ଚାୟତର ଫଳପୁରଠାରେ ଥିବା ମା' ଦପାନାୟକାଣୀଙ୍କ ପୀଠରେ ବାର୍ଷିକ ପୂଜା ଓ ମକର ମେଳା ହେଉଛି। ଏହି ପୂଜା ୯ ଦିନ ଧରି ଚାଲିବ। ମନସ୍କାମନା ପୂରଣ ପାଇଁ ମକର ଦିନ କୁକୁଡ଼ା ଉଡ଼ା ଯାଇଥାଏ। ମକର ମେଳା ବସିଥିବା ବେଳେ ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କାଞ୍ଜିଆପାଳ ମେଳାରେ ପୋଲିସ ମୁତୟନ କରାଯାଇଥିଲା। ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମଙ୍ଗଳବାର ଦପାନାୟକାଣୀ ପୀଠ ଓ କାଞ୍ଜିଆପାଳ ମଠ ପରିଦର୍ଶନ


ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କାଞ୍ଜିଆପାଳ ମେଳା ପରିଦର୍ଶନ କରୁଛନ୍ତି।

କରିଥିଲେ। ପରେ କାଞ୍ଜିଆପାଳସ୍ଥିତ ଯଜ୍ଞ ପଡ଼ିଆରେ ଦଳୀୟ କର୍ମୀମାନଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ପାହାଡ଼ପୁରସ୍ଥିତ ଗେଙ୍ଗୁଟି ନଦୀରେ ଥିବା ଗାଇଛନ୍ଦା ଏସ୍‌କେପ୍ ଉପରେ ଏକ ଫୁଟ୍ ବ୍ରିଜ ନିର୍ମାଣ ପାଇଁ ଧାମନଗର ଜଳ ସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ ସ୍ୱାଗତ ଦାସ ଓ ଉମାକାନ୍ତ ବୋଷଙ୍କୁ ଏଷ୍ଟିମେଟ କରି ପଠାଇବାକୁ କହିଥିଲେ। ସେହିପରି ଅସୁରାଳିସ୍ଥିତ ବରୁଣାଇ ପୀଠରେ ମକର ମେଳା ଧୁମ୍‌ଧାମ୍‌ରେ ପାଳନ କରାଯାଉଛି। ଏହି ମେଳା ଚଳିତବର୍ଷ ୫୫ବର୍ଷରେ ପଦାର୍ପଣ କରିଛି। ମନ୍ତ୍ରୀ ସୂର୍ଯ୍ୟବଂଶୀ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରାଜେନ୍ଦ୍ର ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକଙ୍କ ସହ ପଞ୍ଚାୟତସ୍ତରୀୟ ନେତା ଓ କର୍ମୀ ପୀଠରେ ପହଞ୍ଚି ମା'ଙ୍କୁ ଦର୍ଶନ କରିଥିଲେ।

## 'ନାଟକର ରୂପ ନେଇଥାଏ ଭଲ ଗପର ଦୃଶ୍ୟ'

ତିହିଡ଼ି,୧୪।୧(ସଞ୍ଜିତ ବଳ)

ଭଲ ଗପର ଗୋଟେ ସୁନ୍ଦର ପୃଷ୍ଠଭୂମି ଥାଏ। ଯାହା ପାଠକଙ୍କ ପାଇଁ ସ୍ମରଣୀୟ ହୋଇ ରହିଯାଏ ଏବଂ ସେହି ଗପର ଦୃଶ୍ୟ ନାଟକକୁ ରୂପାନ୍ତର ହୋଇ ଦର୍ଶକଙ୍କୁ ବିମୋହିତ କରିଥାଏ ବୋଲି ପୁସ୍ତକ ଉନ୍ମୋଚନ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମଙ୍ଗଳବାର ତିହିଡ଼ି ଦୀନଦୟାଲ ଭବନରେ ମା ପବ୍ଲିସର୍ସ ପକ୍ଷରୁ ଅନୁଷ୍ଠିତ ଉତ୍ସବକୁ ମୁଖ୍ୟଅତିଥି ଭାବେ ବରିଷ୍ଠ କଥାକାର ଡ. ପଦ୍ମକାନ୍ତ ଧଳ ଉଦ୍‌ଘାଟନ କରିଥିଲେ। ଶିକ୍ଷାବିତ୍ ସୋମନାଥ ପାଢ଼ୀଙ୍କ ପୌରୋହିତ୍ୟ ଓ କବି ବିପ୍ଳବ ରଞ୍ଜନ ପତିଙ୍କ ସଞ୍ଚାଳନରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ପ୍ରାବନ୍ଧିକ ଡ. ବିଶ୍ୱରଞ୍ଜନ ଦାଶ, ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ରାଜେନ୍ଦ୍ର କୁମାର ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅତିଥିମାନେ ଡ. ଲକ୍ଷ୍ମୀଧର ତ୍ରିପାଠୀଙ୍କ ଗଳ୍ପ ପୁସ୍ତକ 'ଧୂସର ଆକାଶ' ଓ ନାଟ୍ୟକାର ଚନ୍ଦ୍ରକାନ୍ତ ମହାନ୍ତିଙ୍କ ନାଟକ ପୁସ୍ତକ 'ସୁବର୍ଣ୍ଣ ସମୁଦ୍ର'କୁ ଉନ୍ମୋଚନ କରିଥିଲେ। ଆହ୍ଲାଦିନୀ ମହାନ୍ତି, ରାଜଶ୍ରୀ ଆଚାର୍ଯ୍ୟ, ବିନ୍ଦୁ ମହାନ୍ତି, ପ୍ରକାଶିକା ସାବିତ୍ରୀ ଦ୍ୱିବେଦୀ, ବିକାଶ ରଞ୍ଜନ ସେନାପତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। କଣ୍ଠଶିଳ୍ପୀ ପଞ୍ଚାନନ ଦତ୍ତ ଓ ସହଯୋଗୀମାନେ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ପରିବେଷଣ କରିଥିଲେ। କବି ନୀଳମାଧବ ସେନାପତି ସ୍ୱାଗତ ଭାଷଣ, ବିଭୂତି ଭୂଷଣ ସେନାପତି ବେଦପାଠ ଓ ଅମୂଲ୍ୟ ସେନାପତି ଧନ୍ୟବାଦ ଦେଇଥିଲେ। କବି ଦୀନବନ୍ଧୁ ପତି, ସାହିତ୍ୟିକ ନାରାୟଣ ଚନ୍ଦ୍ର ବାରିକ, ବସନ୍ତ କୁମାର ନାୟକ, ପି. ହୃଷୀକେଶ, ଭଗବାନ ପାଣିଗ୍ରାହୀ, ମୁକୁନ୍ଦଦେବ ନାୟକ, ସନ୍ନ୍ୟାସୀ ବ୍ରହ୍ମ, ଗୋଲକ ପ୍ରସାଦ ବୈୟାରୀ, ଗଙ୍ଗାଧର ଦତ୍ତ, କୃପାସିନ୍ଧୁ ମହାନ୍ତି, ଦେବକିଶୋର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। କଥାକାର ମନୋଜ ପାଣିଗ୍ରାହୀ, ଧୀରେନ୍ଦ୍ର ସାହୁ, ନିରଞ୍ଜନ ବାରିକ, ବିସ୍ମୟ ବିହାରୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## 'ଧାମରାଶ୍ରୀ' ଉନ୍ମୋଚନ କଲେ କନିକା ରାଜଦମ୍ପତି


ଧାମରାଇ ମନ୍ଦିର ନିକଟରେ କନିକା ରାଜା, ରାଣୀଙ୍କୁ ସ୍ୱାଗତ କରାଯାଉଛି।

ଚାନ୍ଦବାଲି,୧୪।୧(ଅଶୋକ ପଣ୍ଡା)

ମକର ସଂକ୍ରାନ୍ତି ଅବସରରେ ଧାମରାର ମୁଖପତ୍ର 'ଧାମରାଶ୍ରୀ'କୁ କନିକା ରାଜା ଶିବେନ୍ଦ୍ର ନାରାୟଣ ଭଞ୍ଜଦେଓ ଏବଂ ରାଣୀ ମୃଣାଳିନୀ ଦେବୀ ଉନ୍ମୋଚନ କରିଛନ୍ତି। ଧାମରା ଗଙ୍ଗାମାତା ପଡ଼ିଆରୁ ଏକ ବିଶାଳ ଶୋଭାଯାତ୍ରାରେ ସେମାନଙ୍କୁ ମା' ଧାମରାଇଙ୍କ ମନ୍ଦିର ନିକଟକୁ ଲୋକେ ପାଛୋଟି ନେଇଥିଲେ। ରାଜା ଓ ରାଣୀ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ପରେ ମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ରାଜା ଓ ରାଣୀଙ୍କୁ ଭେଟିବା ସହ ଧାମରାଇ ମନ୍ଦିରର ସମସ୍ତ ବିଷୟରେ ଅବଗତ କରାଇଥିଲେ। ମୁଖପତ୍ରର ଶୁଭ ଉନ୍ମୋଚନ ଅବସରରେ ଉତ୍ତରୋତ୍ତର କାମନା କରିବା ସହ ଅଞ୍ଚଳବାସୀଙ୍କୁ ସାଧୁବାଦ ଜଣାଇଥିଲେ। ଧାମରା ମତ୍ସ୍ୟଜୀବୀ କମିଟିର ପୂର୍ବତନ ସମ୍ପାଦକ ପ୍ରଫୁଲ୍ଲ ଜେନା, ମା' ଧାମରାଇ ମନ୍ଦିର ପରିଚାଳନା କମିଟିର ସୁରେଶ ମାହୁନ୍ତ, ପାପା ଜେନା, ପ୍ରମୋଦ ନାୟକ, ସୋନୁ ଲେଙ୍କା, ଅଭିମନ୍ୟୁ ରାଉତ, ନିତ୍ୟାନନ୍ଦ ମହାକୁଡ଼, ସୁଦର୍ଶନ ଲେଙ୍କା, ଚିତ୍ତ ମହାନ୍ତି, ମନ୍ଦିର ପୂଜାପଣ୍ଡା ସୁବାସ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଉତ୍ସବମୁଖର ସାତଭଉଣୀ ପୀଠ

ନଳାଙ୍ଗ,୧୪।୧(ସାଇଶଙ୍କର ମହାକୁଳ)

ମକର ସଂକ୍ରାନ୍ତି ଅବସରରେ ଉତ୍ସବମୁଖର ହୋଇଛି ଭଦ୍ରକ ବ୍ଲକର ସାତଭଉଣୀ ପୀଠ। ଚଳିତବର୍ଷ ଏଠାରେ ୧୨୦ତମ ବାର୍ଷିକୋତ୍ସବ ପାଳନ କରାଯାଉଛି। ମକର ମେଳା ଚାଲିଥିବା ବେଳେ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ରହିଛି। ୨୪ ତାରିଖରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ। ମା' ହେଉଛନ୍ତି ପ୍ରତ୍ୟକ୍ଷ ଦେବୀ। ତାଙ୍କ ନାମାନୁସାରେ ସେହି ଅଞ୍ଚଳର ନାମ ସାତଭଉଣୀ ବୋଲି ସାତଭଉଣୀ ସାଂସ୍କୃତିକ ପରିଷଦର ସଭାପତି ପ୍ରଭାତ କୁମାର ଜେନା ଓ ସମ୍ପାଦକ ପ୍ରାଧ୍ୟାପକ କମଳାକାନ୍ତ ମହାକୁଡ଼ କହିଛନ୍ତି।

## ପୂର୍ବତନ ପ୍ରଧାନ ଶିକ୍ଷକଙ୍କ ସ୍ମୃତିସଭା


ସ୍ମୃତିସଭାରେ ଉପସ୍ଥିତ ଅତିଥି।

ବନ୍ତ,୧୪।୧(ହରିନାରାୟଣ ମହାନ୍ତି)

ଲକ୍ଷ୍ମୀଧର ଜଣେ ଆଦର୍ଶ ଶିକ୍ଷକ ସହ ଅନୁଷ୍ଠାନପ୍ରେମୀ ଥିଲେ। ବାପାଙ୍କ ଯୋଗ୍ୟତା ମାପିବାକୁ ପ୍ରଯୁକ୍ତିବିଦ୍ୟାରେ କୌଣସି ମେଶିନ ବାହାରିନାହିଁ ବୋଲି ମଙ୍ଗଳବାର ବନ୍ତ ବ୍ଲକ ସେଣ୍ଠତୀରା ପଞ୍ଚାୟତ ଅଧୀନ ବାଲିପୁର ଗ୍ରାମର ପୂର୍ବତନ ଶିକ୍ଷାବିତ୍ ତଥା ହାଟଡିହୀ ବ୍ଲକ ଷଡଙ୍ଗସ୍ଥିତ ଆର୍‌ବି ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ଲକ୍ଷ୍ମୀଧର ପାତ୍ରଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଅନୁଷ୍ଠିତ ସ୍ମୃତିସଭାରେ ଅତିଥିମାନେ କହିଛନ୍ତି। ସ୍ମୃତି ପରିଷଦ ଆନୁକୂଲ୍ୟରେ ପ୍ରାକ୍ତନ ଅଧ୍ୟକ୍ଷ ତଥା ସାହିତ୍ୟିକ ପ୍ରଫେସର ଡ. ନାରାୟଣ ସେନାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଶଙ୍କର୍ଷଣ ଜେନା ଓ ବରେଣ୍ୟ ଅତିଥି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଙ୍ଗାଧର ନାୟକ ଯୋଗଦେଇଥିଲେ। ବିଶିଷ୍ଟ ଅତିଥି ସାହିତ୍ୟିକ ଗଣେଶ ପ୍ରସାଦ କରଶର୍ମା, ମୁଖ୍ୟବକ୍ତା ପ୍ରାକ୍ତନ ଅଧ୍ୟକ୍ଷ ତଥା ପ୍ରାଧ୍ୟାପକ କୃଷ୍ଣଚନ୍ଦ୍ର ସ୍ୱାଇଁ, ସମ୍ମାନିତ ବକ୍ତା ଏଲ୍‌ଏନ୍ ମହାବିଦ୍ୟାଳୟର ଅଧ୍ୟକ୍ଷ ନିରାକର ସ୍ୱାଇଁ ଏବଂ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଶିକ୍ଷକ ଜଗନ୍ନାଥ ପାତ୍ର, ଭାସ୍କର ଚନ୍ଦ୍ର ପାଢୀ, ସରପଞ୍ଚ ପ୍ରଶାନ୍ତ ଦାସ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସାମଲ, କାଶିନାଥ ଜେନା ପ୍ରମୁଖ ଯୋଗ ଦେଇଥିଲେ। ସାହିତ୍ୟିକ ଚତୁର୍ଭୁଜ ପହି, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ କୈଳାସ ଚନ୍ଦ୍ର ବେହେରା, ଶିକ୍ଷକ ଅକ୍ଷୟ ବେହେରା, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଭ୍ରମରବର ବିଶ୍ୱାଳ, ଶିକ୍ଷକ ନେତା କମଳ ଲୋଚନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ପୁଅ ଅମର ପାତ୍ର ଓ ଝିଅ ନକ୍ଷତ୍ର ସାମଲ ବାପାଙ୍କ ସ୍ମୃତିଚାରଣ କରିଥିଲେ । ପ୍ରାରମ୍ଭରେ ଶିକ୍ଷକ ରମାକାନ୍ତ ଜେନା ଅତିଥି ପରିଚୟ ଦେଇଥିଲେ। ଅଶୋକ ପାତ୍ର, ଅଜୟ ପାତ୍ର, ସତ୍ୟବାନ ପାତ୍ର, ହୃଷିକେଶ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ଶଙ୍ଖାଶୁଣୀ ମନ୍ଦିର ବାର୍ଷିକୋତ୍ସବ

ବାସୁଦେବପୁର,୧୪।୧
(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ପୌରପାଳିକା ଅଧୀନ ରାଧାକାନ୍ତପୁର ଗୁଠପଦା ଗ୍ରାମରେ ଆରାଧ୍ୟଦେବୀ ମା' ଶଙ୍ଖାଶୁଣୀଙ୍କ ମନ୍ଦିରର ୧୦ମ ବାର୍ଷିକୋତ୍ସବ ମକର ସଂକ୍ରାନ୍ତି ଅବସରରେ ଅନୁଷ୍ଠିତ ହୋଇଯାଇଛି। ସୋମବାର କଳସ ଶୋଭାଯାତ୍ରା ସହ ଶୁଭାଧିବାସ ହୋଇଥିଲା। ବାର୍ଷିକ ପୂଜା ଉତ୍ସବ ନିମନ୍ତେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମଙ୍ଗଳବାର ଅନୁଷ୍ଠିତ ଯଜ୍ଞରେ ବିଧାୟକ ଅଶୋକ କୁମାର ଦାସ, ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୌରାଧ୍ୟକ୍ଷା ନିବେଦିତା ବେହେରା ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ସହ ବିଭିନ୍ନ ବର୍ଗର ଲୋକେ ଉତ୍ସବରେ ଯୋଗଦେଇ ଆର୍ଶୀବାଦ ଲାଭ କରିଥିଲେ।

## ଜିଲାସ୍ତରୀୟ ସାଇକେଲ ଚାଳନା ପ୍ରତିଯୋଗିତା

ଭଦ୍ରକ,୧୪।୧(ସନାତନ ରାଉତ)

ଭଦ୍ରକ ଜିଲା ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଦ୍ୱିତୀୟ ଜିଲାସ୍ତରୀୟ ସାଇକେଲ ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୋଟ ୪୨୦ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ଏସ୍‌ବିଡି ଇଣ୍ଟରନ୍ୟାଶନାଲ ସ୍କୁଲ ନିକଟରୁ ସାଇକେଲ ଚାଳନା ଆରମ୍ଭ ହୋଇ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଶେଷ ହୋଇଥିଲା। ସେଠାରେ ଜିଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଏବଂ ଓଡ଼ିଶା ସାଇକ୍ଲିଂ ଆସୋସିଏଶନର ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ରାଉତ ଯୋଗ ଦେଇଥିଲେ। ୫ ବର୍ଷରୁ କମ୍, ୧୦ ବର୍ଷରୁ କମ୍, ୧୪ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ ବର୍ଗରେ କୃତୀ ପ୍ରତିଯୋଗୀମାନଙ୍କୁ


ପ୍ରତିଯୋଗୀମାନେ ସାଇକେଲ ଚାଳନା କରୁଛନ୍ତି।

ପୁରସ୍କୃତ କରାଯାଇଥିଲା। ଆଥ୍‌ଲେଟିକ୍ ଆସୋସିଏଶନର ଉପସଭାପତି ଅଧ୍ୟାପକ ବିଜୟ କୁମାର ଜେନା କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିବା ବେଳେ ସାଧାରଣ ସମ୍ପାଦକ ଧୀରେନ ପଲାଇ ପ୍ରତିଯୋଗିତାର ବିବରଣୀ ପ୍ରଦାନ କରିଥିଲେ। ଯୁଗ୍ମ ସମ୍ପାଦକ ଆଇନଜୀବୀ ଅତିଶ କୁମାର ବେହେରା ଧନ୍ୟବାଦ ଦେଇଥିଲେ। ଓଡ଼ିଶା ସାଇକ୍ଲିଂ ଆସୋସିଏଶନର ଉପସଭାପତି ନୃସିଂହ ଚରଣ ସାହୁ, ଯୁଗ୍ମ ସମ୍ପାଦକ ଗୋପୀନାଥ ପଣ୍ଡା, ସଦସ୍ୟ ରାମକୃଷ୍ଣ ଦାସ ଓ ଦିଲୀପ ନଟିଆ ପ୍ରତିଯୋଗିତା ପରିଚାଳନା କରିଥିଲେ। ଜିଲା ଆଥ୍‌ଲେଟିକ ଆସୋସିଏଶନର ସାଇକ୍ଲିଂ ସମ୍ପାଦକ ସଂଗ୍ରାମୀ ଦେବୀଦତ୍ତ ନାୟକ, କ୍ରୀଡ଼ା ଅଧ୍ୟାପକ ମନୋଜ ସାହୁ ଓ ରବିନାରାୟଣ ଓଝା ସହଯୋଗ କରିଥିଲେ।

## ସଂକ୍ଷେପରେ

### ପତ୍ରିକା 'ଉଦୟ ଜ୍ୟୋତି' ଉନ୍ମୋଚିତ

ପାଟଣା,୧୪।୧(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ ଉଦୟପୁର ପଞ୍ଚାୟତ ପରିସରରେ ମଙ୍ଗଳବାର ପତ୍ରିକା 'ଉଦୟ ଜ୍ୟୋତି' ଉନ୍ମୋଚିତ ହୋଇଯାଇଛି। ବରିଷ୍ଠ ନାଗରିକଙ୍କ ପ୍ରଚେଷ୍ଟାରେ ଉଦୟପୁରର ଇତିହାସ ଉପରେ ଆଧାରିତ ଏହି ପୁସ୍ତକ ଉନ୍ମୋଚନ କରାଯାଇଛି। ଅବସରପ୍ରାପ୍ତ ଅଧ୍ୟକ୍ଷ ସଚ୍ଚିଦାନନ୍ଦ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଇନଜୀବୀ ଗୋପାଳକୃଷ୍ଣ ପରିଡ଼ା, ମୁଖ୍ୟବକ୍ତା ରମେଶ ଚନ୍ଦ୍ର ରାଜ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ଭୋଳାନାଥ ବଘେଲ ବାବୁ, ସାମାଜିକ କର୍ମୀ ଅକ୍ଷୟ କୁମାର ପରିଡା, ଦୁଃଶାସନ ବିଶ୍ୱାଳ ଓ ସରପଞ୍ଚ ଲଳିତା ନାଏକ ଯୋଗ ଦେଇଥିଲେ। ଏହାପରେ ଉଦୟପୁର ପାଠାଗାର ଉଦ୍‌ଘାଟନ କରାଯାଇଥିଲା। ପ୍ରତାପ ଚନ୍ଦ୍ର ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜିତେନ୍ଦ୍ର କୁମାର ପରିଡା ଧନ୍ୟବାଦ ଦେଇଥିଲେ।

### ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ତ୍ରୀଙ୍କ ପରଲୋକ

ଛେନାପଦି,୧୩।୧(ନିରାକାର ପରିଡ଼ା)



ହାଟଡିହୀ ବ୍ଲକର କଳିଗାଁ ପଞ୍ଚାୟତ ଶାଳକଣିଆଁ ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ମାର୍କଣ୍ଡ ଚରଣ ମଲ୍ଲିକଙ୍କ ସ୍ତ୍ରୀ ବୁଲି ମଲ୍ଲିକ(୯୩)ଙ୍କ ସୋମବାର ପରଲୋକ ହୋଇଯାଇଛି। ବାର୍ଦ୍ଧକ୍ୟଜନିତ କାରଣରୁ ତାଙ୍କ ମୃତ୍ୟୁ ଘଟିଥିବା ବେଳେ ଶେଷ ସମୟରେ ପାଖରେ ପୁଅ ବୋହୂ, ନାତିନାତୁଣୀ, ଅଣନାତି ଉପସ୍ଥିତ ଥିଲେ। ସେ ଜଣେ ଧର୍ମପରାୟଣା ମହିଳା ଥିଲେ। ଖବରପାଇ ପୂର୍ବତନ ସରପଞ୍ଚ ପୀତବାସ ଜେନା ଓ ଅମରେନ୍ଦ୍ର ଧଳଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଥିଲେ। ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ହୋଇଥିବା ବେଳେ ନାତି ବଳରାମ ମୁଖାଗ୍ନି ଦେଇଥିଲେ।

# ମକର ବୁଡ଼ ପକାଇଲେ ଲକ୍ଷାଧିକ ଶ୍ରଦ୍ଧାଳୁ

କେନ୍ଦୁଝର, ୧୪।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

ମକର ସଂକ୍ରାନ୍ତି ଉପଲକ୍ଷେ କେନ୍ଦୁଝର ଜିଲା ପୁରପଲ୍ଲୀ ଉତ୍ସବମୁଖର ହୋଇଉଠିଛି। କେନ୍ଦୁଝର ଜିଲା ସମେତ ପଡୋଶୀ ମୟୂରଭଞ୍ଜ ଜିଲା ତଥା ସୀମାବର୍ତ୍ତୀ ଝାଡ଼ଖଣ୍ଡ ରାଜ୍ୟରେ ଏହି ମକର ସଂକ୍ରାନ୍ତି ଉପଲକ୍ଷେ ମଙ୍ଗଳବାର ଲକ୍ଷାଧିକ ଶ୍ରଦ୍ଧାଳୁ ମକର ବୁଡ଼ ପକାଇ ପୂଜାର୍ଚ୍ଚନା କରିଥିଲେ। ନୂଆ ଲୁଗା ପିନ୍ଧି ଆରାଧ୍ୟ ଦେବାଦେବୀଙ୍କଠାରେ ମକର ଚାଉଳ ପୂଜା କରି ଭୋଗ ଖାଇଥିଲେ। ନୂଆ ଚାଉଳ, ଖୀର, ଘିଅ , ଆଖୁ, ନଡିଆ ଆଦି ମିଶାଇ ପ୍ରସ୍ତୁତ ସ୍ୱତନ୍ତ୍ର ଭୋଗକୁ ମକର ଚାଉଳ ଏହି ଦିନ ଦେବାଦେବୀଙ୍କଠାରେ ଲାଗିହୋଇଥାଏ।

ବିଶେଷ କରି ଘଟଗାଁ ମା' ତାରିଣୀ ପୀଠରେ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଲମ୍ବା ଧାଡି ଦେଖିବାକୁ ମିଳିଥିଲା। କେନ୍ଦୁଝରର ଆରାଧ୍ୟ ଶ୍ରୀବଳଦେବଜୀଉ ମନ୍ଦିର, କୁଶଳେଶ୍ୱର ଦେଓଗାଁ ମନ୍ଦିର, ବାରହାଟିପୁରା, ଗୋନାସିକା, ଝାଡେଶ୍ୱର ଆଦି ବିଭିନ୍ନ ସ୍ଥାନରେ ଥିବା ଦେବାଦେବୀ ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ଭକ୍ତଙ୍କ ଭିଡ ଜମିଥିଲା।

ବୈତରଣୀର ଉତ୍ପତ୍ତିସ୍ଥଳ ଗୋନାସିକାର ବ୍ରହ୍ମକୁଣ୍ଡ ସମେତ ଚମ୍ପୁଆ ବ୍ଲକର ସରେଇ ନିକଟରେ କେଶରୀକୁଣ୍ଡ, ରୁପାକୁଣ୍ଡ, ରାମତୀର୍ଥ, ପାଟଣା ବ୍ଲକର ଭୀମକୁଣ୍ଡ, ରାଜନଗର, ତୁରୁମୁଙ୍ଗା ଘାଟ, ଘସିପୁରା ବ୍ଲକର ଝାଡେଶ୍ୱର ଘାଟରେ ଲକ୍ଷାଧିକ ଭକ୍ତ ବୁଡ଼ ଦେଇଛନ୍ତି। ସେହିପରି ଅପରାହ୍ନରେ କେନ୍ଦୁଝର ଓ ମୟୂରଭଞ୍ଜ ଜିଲା ସୀମାନ୍ତ କେଶରୀକୁଣ୍ଡଠାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ସେହିପରି ଦୁଇ ଜିଲା ସୀମାରେ ଥିବା ଏହି ସ୍ଥାନରେ ମେଳା ବସେ । ଦୁଇ ଜିଲାକୁ ସଂଯୋଗ କରିବା ପାଇଁ ଏକ ଅସ୍ଥାୟୀ କାଠ/ବାଉଁଶର ସେତୁ ନିର୍ମାଣ କରାଯାଇଥାଏ। ଯାହାକୁ ସମ୍ପର୍କର ସେତୁ ବୋଲି କୁହାଯାଏ। ଯେଉଁଥିରେ ଉଭୟ ଜିଲାର ଲୋକେ ଯିବା ଆସିବା କରିବା ସହ ଉଭୟ ପାର୍ଶ୍ୱରେ ବସିଥିବା ମେଳେ ବୁଲି ଦେଖିଥାନ୍ତି । ବାରହାଟିପୁରା, ଧାନବେଣି, ଭାଲୁଘର, ଟାଙ୍ଗରବନ୍ତଳା, ଖଲିକୁଣ୍ଡ, ଅସୁରଖୋଲ, ଚକ୍ରତୀର୍ଥ, ରସବନ୍ତଳା, ସୀତାବିଞ୍ଜି ଆଦି ବହୁ ଧାର୍ମିକ ତଥା ଐତିହାସିକ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗିରହିଛି । ନୂଆ ପୋଷାକ ପିନ୍ଧି, ପିଠା, ମାଛ ଓ ମାଂସ ଖାଇ ବୁଲାବୁଲି, ଖେଳକୁଦ କରି ମଉଜମଜଲିସରେ ସମୟ କଟାନ୍ତି। ବିଭିନ୍ନ ପ୍ରକାର ଖେଳ ଆୟୋଜନ ହୋଇଥାଏ। ଏହି ସମୟରେ କୁକୁଡା ଲଢେଇ ଓ ପ୍ରତିଯୋଗିତା ଜୋର ଧରିଥାଏ । ଏହି ଦିନ ଅନେକ ସାଙ୍ଗ ସଙ୍ଗାତ ବସିବା ପରମ୍ପରା ରହିଛି। ଯାହାକୁ ମକର ବସିବା କୁହାଯାଏ। ଏହି ସମୟରେ ଗ୍ରାମାଞ୍ଚଳ ମୁଖରିତ ହୋଇପଡେ।

# ମକର ପର୍ବ: ଗଡ଼ଚଣ୍ଡୀ ପୀଠରେ ଭକ୍ତଙ୍କ ଭିଡ଼



ଗଡ଼ଚଣ୍ଡୀଙ୍କ ପୀଠରେ ମକର ମେଳାରେ ଲୋକଙ୍କ ଗହଳି।

ବଉଳା,୧୪।୧(ଦୁର୍ଗା ପ୍ରସାଦ ଆୟଚ)

ହାଟଡିହୀ ବ୍ଲକର ବିଭିନ୍ନ ସ୍ଥାନରେ ମଙ୍ଗଳବାର ମକର ଉତ୍ସବ ପାଳନ କରାଯାଇଥିବା ବେଳେ ମା' ଗଡ଼ଚଣ୍ଡୀଙ୍କ ପୀଠରେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ବିଭିନ୍ନ ଦୋକାନ ବଜାର ଓ ଆଲୋକ ସଜ୍ଜା ଅଞ୍ଚଳକୁ ଚଳଚଞ୍ଚଳ କରୁଥିବା ବେଳେ ପ୍ରକୃତିର ସୌନ୍ଦର୍ଯ୍ୟ, ଝରଣା ପାଣି ଓ ଶହ ଶହ ମାଙ୍କଡ଼ଙ୍କ ଖେଳକୁଦ ଲୋକଙ୍କୁ ଆକୃଷ୍ଟ କରିଛି। କମିଟି ଦ୍ୱାରା ପରିଚାଳିତ ହେଉଥିବା ବେଳେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସୋସୋ ପୋଲିସ ଉପସ୍ଥିତ ରହିଥିଲା। ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ପୂର୍ବତନ ବିଧାୟକ ଭାଗୀରଥି ସେଠୀ, ଭାଜପା ନେତା ଜ୍ଞାନରଞ୍ଜନ ସାମନ୍ତସିଂହାର ପ୍ରମୁଖ ପୀଠରେ ପହଞ୍ଚି ମା'ଙ୍କ ଆଶୀର୍ବାଦ ନେଇଥିଲେ। ସେହିପରି ଭାଟିଆଶୁଣୀ ପୀଠରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। କମିଟି ସଦସ୍ୟ ଓ ନନ୍ଦିପଦା ପୋଲିସ ଦ୍ୱାରା ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା। ପଡିଆରିପଲ୍ଲୀ ସିଦ୍ଧମଠରେ ମକର ମେଳା ଅନୁଷ୍ଠିତ ହୋଇଛି। ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଙ୍କ ମୂର୍ତ୍ତି କରାଯାଇ ପୂଜାପାଠ ସହ ରାମାୟଣ ପାରାୟଣ ପାଠ କରାଯାଇଥାଏ। ଏହା ତିନିଦିନ ଧରି ଅନୁଷ୍ଠିତ ହେବ। ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ବୃନ୍ଦାବନ ରାଉତ, ପୂର୍ଣ୍ଣ ପାତ୍ର, ମାର୍କଣ୍ଡ ସାହୁ, ପ୍ରମୋଦ ରାଉତ, ସରପଞ୍ଚ ଅଜିତ ରାଉତ, ଜଗନ୍ନାଥ ପାତ୍ର, ନିରାକାର ପାତ୍ର, ଭିକାରୀ ପାତ୍ର, ନବଘନ ଜେନା ପ୍ରମୁଖ ପରିଚାଳନା କରୁଛନ୍ତି।

# ମକରରେ ଟୁସୁ ବିସର୍ଜନ

କେନ୍ଦୁଝର, ୧୪।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

ମକର ସଂକ୍ରାନ୍ତି ଅବସରରେ କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ ବସବାସ କରୁଥିବା କୁଡୁମୀ ସମ୍ପ୍ରଦାୟର ଲୋକେ ଟୁସୁ ପର୍ବ ପାଳନ କରିଥାନ୍ତି। ପରମ୍ପରା ଅନୁଯାୟୀ ଏହି ସମ୍ପ୍ରଦାୟର ଲୋକେ ମକର ସଂକ୍ରାନ୍ତିର କିଛି ଦିନ ପୂର୍ବରୁ ଟୁସୁଦେବୀଙ୍କ ମୃଣ୍ମୟ ମୂର୍ତ୍ତି ଆଣି ଘରେ ଘରେ ବା ସାମୂହିକ ଭାବରେ ପୂଜାର୍ଚ୍ଚନା କରିଥିଲେ। ପ୍ରତ୍ୟେକ ଦିନ ଏହି ଦେବୀଙ୍କୁ ସ୍ୱତନ୍ତ୍ର ଟୁସୁ ଗୀତ ଗାଇ ଗାଁ ଗାଁ ଓ ସାହି ସାହି ବୁଲାଇଥିଲେ। ମକର ସଂକ୍ରାନ୍ତି ଦିନରେ ଏହି ଦେବୀଙ୍କୁ ସୁସଜ୍ଜିତ ମେଢ/ପାଲିଙ୍କିରେ ବସାଇ ଗୀତ ଗାଇ ଘର ଘର ବୁଲାଇଥିଲେ। ଗ୍ରାମର ମହିଳାମାନେ ଦେବୀଙ୍କୁ ପୂଜା କରିବା ସହ ବନ୍ଦାପନା କରିଥିଲେ। ଏହି ଶୋଭାଯାତ୍ରାରେ ଶହ ଶହ ସଂଖ୍ୟାରେ ମହିଳା ଓ ଯୁବତୀ ସାମିଲ ହୋଇଥିଲେ। ଏହି ଅବସରରେ ଅନେକ ଗ୍ରାମରେ ଟୁସୁ ଓ ଟୁସୁ ଗୀତ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତିଯୋଗିତାରେ ସବୁଠାରୁ ଭଲ ତଥା ସୁସଜ୍ଜିତ ମେଢ ଏବଂ ଭଲ ଗୀତ ଗାୟକଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଗ୍ରାମ ମନ୍ଦିର ପରିକ୍ରମା କରି ପାଖ ପୋଖରୀ ନା ନଦୀନାଳରେ ବିସର୍ଜନ କରାଯାଇଥିଲା। ସଦର ବ୍ଲକର ରଘୁନାଥପୁର ପଞ୍ଚାୟତ ବ୍ୟତୀତ ହରିଚନ୍ଦନପୁର ବ୍ଲକର ବଳାଣୀପଶି ଆଦି ଅଞ୍ଚଳରେ ଏହି ଟୁସୁ ପର୍ବ ଧୁମ୍‌ଧାମ୍‌ରେ ପାଳିତ ହୋଇଛି। ସେହିପରି ମଥୁରାମଣ୍ଡଳୀ, ଟାଙ୍ଗରାଣୀ ଓ ଅନ୍ୟାନ୍ୟ ଅଞ୍ଚଳରେ ଏହି ପର୍ବ ପାଳିତ ହୋଇଛି। ମକର ପର୍ବ ସହିତ ଟୁସୁ ପର୍ବ ବିଭିନ୍ନ ଅଞ୍ଚଳରେ ନିଆରା ପରିବେଶ ସୃଷ୍ଟି କରିଥାଏ ବୋଲି ବରିଷ୍ଠ ଲେଖକ ବିମ୍ବାଧର ବେହେରା କହିଛନ୍ତି।

ଲୋକକଥା ଅନୁଯାୟୀ, ମୋଗଲ ରାଜୁତି ସମୟରେ ପରାକ୍ରମୀ ରାଜା ସମ୍ରାଟ ଆଲ୍ଲାଦିନ ଖିଲିଜି, ରାଣୀ ପଦ୍ମାବତୀଙ୍କ ସୌନ୍ଦର୍ଯ୍ୟରେ ମନ୍ତ୍ରମୁଗ୍ଧ ହୋଇ ବିବାହ କରିବାକୁ ମନ ବଳାଇଥିଲେ। ତେବେ ବିବାହ କରିବାରେ ବିଫଳ ହେବାରୁ ତାଙ୍କ ପାଇଁ ପଦ୍ମାବତୀଙ୍କଠାରୁ ଅତିବ ସୁନ୍ଦରୀ ଯୁବତୀ ଖୋଜିବାକୁ ଆଦେଶ ଦେଇଥିଲେ। ପାତ୍ରମନ୍ତ୍ରୀମାନେ ରାଜାଙ୍କ ପାଇଁ ରାଣୀ ଖୋଜିବାକୁ ବାହାରି ସୁନ୍ଦରୀ ଝିଅ ଟୁସୁମଣିଙ୍କୁ ବଳପୂର୍ବକ ଉଠାଇ ଆଣିଥିଲେ। ତେବେ ତାଙ୍କୁ ଘୋଡାରେ ବସାଇ ରାଜବାଟି ନେଉଥିବା ବେଳେ ରାସ୍ତାରେ ନଦୀ ପାର ହେବା ବେଳେ ନଦୀଗର୍ଭକୁ ଝାସ ଦେଇ ପ୍ରାଣବଳି ଦେଇଥିଲେ ବୋଲି ବୀରତ୍ୱ ଗାଥା ରହିଛି। ସେହିଦିନ ମକର ସଂକ୍ରାନ୍ତି ଥିବାରୁ କୁଡୁମୀ ସମ୍ପ୍ରଦାୟର ମହିଳାମାନେ ଟୁସୁ ଦେବୀଙ୍କୁ ପୂଜାର୍ଚ୍ଚନା କରିବା ସହ ଏକ ଶୋଭାଯାତ୍ରାରେ ଗ୍ରାମ ଓ ସହର ପରିକ୍ରମା କରି ଆଖପାଖ ଜଳାଶୟରେ ବିସର୍ଜନ କରିଥାନ୍ତି। ନିଜର ସତୀତ୍ୱକୁ ରକ୍ଷା କରିବା ସହ ସମ୍ପ୍ରଦାୟର ସମ୍ମାନ ରକ୍ଷା ପାଇଁ ବଳିଦାନ ଦେଇଥିବା ଟୁସୁମଣୀ ତାଙ୍କ ସମ୍ପ୍ରଦାୟ ପାଇଁ ଦେବୀ ପାଲଟିଛନ୍ତି ବୋଲି ବରିଷ୍ଠ କୁଡୁମୀ ସମ୍ପ୍ରଦାୟର ହରେକୃଷ୍ଣ ମହାନ୍ତ କହିଛନ୍ତି।



# ବରାଙ୍ଗ ଜଙ୍ଗଲକୁ ଅବାଧ ପ୍ରବେଶ ମନା

ଆନନ୍ଦପୁର, ୧୪।୧ (ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ ବରାଙ୍ଗ ସଂରକ୍ଷିତ ଜଙ୍ଗଲରେ ବନ୍ୟପ୍ରାଣୀ ଓ ଜଙ୍ଗଲ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ କଡ଼ା ପହରା ଦିଆଯାଇଛି। ମକର ସଂକ୍ରାନ୍ତି ଅବସରରେ କଟକଣା ଜାରି କରାଯାଇଛି। ବନ୍ୟପ୍ରାଣୀ ଶିକାର ଆଶଙ୍କା ଥିବାରୁ ଆନନ୍ଦପୁର ଡିଏଫ୍‌ଓ ଅଭୟ କୁମାର ଦଳେଇଙ୍କ ନିର୍ଦ୍ଦେଶକ୍ରମେ ରାମଚନ୍ଦ୍ରପୁର ଫରେଷ୍ଟର କେଦାର ପାତ୍ରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ବରାଙ୍ଗ ବନାଞ୍ଚଳର ବିଭିନ୍ନ କୋର୍ ଏରିଆରେ ପାଟ୍ରୋଲିଂ କଡ଼ାକଡ଼ି କରିଛି। ଶିକାରୀମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଫରେଷ୍ଟର ପାତ୍ରଙ୍କ ସମେତ ଫରେଷ୍ଟଗାର୍ଡ ଜ୍ୟୋସ୍ନାମୟୀ ଜେନା, ପୋଚିଂ ସ୍କ୍ୱାଡ୍ ଟୁକୁନା ମୁଣ୍ଡା, ଅଜୟ ଜେନା, ମନୋରଞ୍ଜନ ସାହୁ, କୃପାସିନ୍ଧୁ ଜେନା, ସୁରେଶ ମଲ୍ଲିକ ଏବଂ ବରାଙ୍ଗ, ନୁହାମାଳିଆ, ନଣ୍ଡାବର, କୀର୍ତ୍ତନପାଟିଆର ବନ ସୁରକ୍ଷା ସମିତି ସଦସ୍ୟମାନେ ଏଥିରେ ସାମିଲ ଅଛନ୍ତି। ମକର ସଂକ୍ରାନ୍ତିଠାରୁ ୮ ଦିନ ପର୍ଯ୍ୟନ୍ତ ଜଙ୍ଗଲ ମଧ୍ୟରେ କୌଣସି ଅବାଧ ପ୍ରବେଶ ଉପରେ ବନ ବିଭାଗ ପକ୍ଷରୁ କଟକଣା ଜାରି କରାଯାଇଛି। ଏଥିରେ ସ୍ଥାନୀୟ ଅଧିବାସୀ ସହଯୋଗ କରିବାକୁ ବନ ବିଭାଗ ନିବେଦନ କରିଛି।

## ମୟୂରଭଞ୍ଜ

# ମୟୂରଭଞ୍ଜ ଉତ୍ସବମୁଖର

ବାରିପଦା,୧୪।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ଭୀମକୁଣ୍ଡଠାରେ ବୁଡ଼ ପକାଇବାକୁ ଭିଡ଼ ଜମାଇଥିବା ଶ୍ରଦ୍ଧାଳୁ।

ମୟୂରଭଞ୍ଜ ଜିଲାରେ ଗଣପର୍ବ ମକର ଆରମ୍ଭ ହୋଇଛି। ଏନେଇ ଜିଲା ଉତ୍ସବମୁଖର ହୋଇପଡ଼ିଛି। ମକର ସଂକ୍ରାନ୍ତିରେ ଚାଷୀମାନେ କୃଷି ଉପକରଣକୁ ଖଳାରେ ରଖି ପୂଜାର୍ଚ୍ଚନା କରିଥିଲେ। ବର୍ଷକର ଚାଷ ଅମଳ ଶେଷ ହେବା ପରେ କୃଷି ଯନ୍ତ୍ରପାତିକୁ ଧୋଇ ଶୁଖାଇ ମକର ଚାଉଳରେ ଭୋଗ ଅର୍ପଣ କରିଥିଲେ। ସେହିପରି ଗାଁଗଣ୍ଡାରେ ଲୋକମାନେ ପର୍ବକୁ ଧୂମଧାମରେ ପାଳନ କରୁଛନ୍ତି। ଜିଲାର ବିଭିନ୍ନ ସ୍ଥାନରେ କୁକୁଡା ଲଢ଼େଇ, ବିଭିନ୍ନ ପ୍ରକାର କ୍ରୀଡ଼ା ସହିତ ସ୍ଥାନେସ୍ଥାନେ ମେଳା ଆରମ୍ଭ ହୋଇଛି। ମେଳାରେ ସୁସ୍ୱାଦୁ ପିଠାପଣା ସାଙ୍ଗକୁ ବ୍ୟଞ୍ଜନ ଖାଇ ଲୋକେ ପର୍ବ ପାଳନରେ ମାତିଛନ୍ତି। ଆଦିବାସୀ ସମ୍ପ୍ରଦାୟର ମହିଳା ପୁରୁଷ ନୂଆ ବସ୍ତ୍ର ପରିଧାନ କରି ମାଦଳର ତାଳେ ତାଳେ ନୃତ୍ୟ କରୁଥିବା ଦେଖିବାକୁ ମିଳିଥିଲା। ସହରର ଲୋକେ ବିଭିନ୍ନ ଦେବାଳୟକୁ ଯାଇ ଦେବ ଦର୍ଶନ କରିଛନ୍ତି। ବାରିପଦା ସହରର ଜଗନ୍ନାଥ ମନ୍ଦିର, ମା' ଅମ୍ବିକା ମନ୍ଦିର ଓ ବୁଢ଼ାରାଉଳ ମଠରେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଠାକୁରମୁଣ୍ଡା ବ୍ଲକ ଅଧୀନ ଭୀମକୁଣ୍ଡଠାରେ ବୁଡ଼ ପକାଇବାକୁ ଶ୍ରଦ୍ଧାଳୁ ଭିଡ଼ ଜମାଇଥିଲେ। ସେହିପରି ଶ୍ରଦ୍ଧାଳୁମାନେ ଠାକୁରଙ୍କ ଆଶିଷ ଲାଭ କରିବା ପରେ ଘରେ ଘରେ ପ୍ରସ୍ତୁତ ଆରିସା ଓ ମଣ୍ଡା ପିଠା ଖାଇ ବନ୍ଧୁ ପ୍ରିୟଜନଙ୍କ ସହ ପର୍ବକୁ ବେଶ ଧୂମଧାମରେ ପାଳନ କରିବାରେ ଲାଗିଛନ୍ତି ।

### ଭାଗବତ କଥାମୃତ ପ୍ରବଚନ

ଖାରପୋଖରିଆ,୧୪।୧(ସୁଧିର କୁମାର ମହାନ୍ତ)

ସାରସକଣା ବ୍ଲକ ଖାରପୋଖରିଆ (ବମ୍ଫେଛକ)ର ସଚେତନ ଯୁବାପିଢିଙ୍କ ପକ୍ଷରୁ ସ୍ଥାନୀୟ ଶ୍ରୀ ଲୋକନାଥ ଶୈବପୀଠ ପ୍ରାଙ୍ଗଣରେ ଆୟୋଜିତ ସପ୍ତ ଦିବସ ବ୍ୟାପି ଭାଗବତ କଥାମୃତ ପ୍ରବଚନ ଉଦ୍‌ଯାପିତ ହୋଇଯାଇଛି। ପ୍ରବଚକ ଭାବେ ଭଦ୍ରକ ଜିଲା ରକ୍ତତୀର୍ଥ ଇରମର ଅତିବଡ଼ି ଜଗନ୍ନାଥ ଦାସଙ୍କ ବଡ଼ ଓଡିଆ ଗୁରୁ ମଠର ମହାରାଜ ଶ୍ରୀ ଶ୍ରୀ ଗୋପାଳ ଦାସ ଯୋଗଦେଇ ପ୍ରବଚନ ପ୍ରଦାନ କରିଥିଲେ। ଶ୍ରୀ ଲୋକନାଥ ମନ୍ଦିରର ପୂଜକ ସମରେନ୍ଦ୍ର ମିଶ୍ର ଓ ଅମରେନ୍ଦ୍ର ମିଶ୍ର ସହଯୋଗ କରିଥିଲେ। ଯନ୍ତ୍ରାଂଶରେ ମେଘବର୍ଣ୍ଣ ଦାସ ଏବଂ ଭାଗୀରଥି ଦେସ ସଂଚାଳନ କରିଥିବାବେଳେ ସଚେତନ ଯୁବପିଢିର ସଦସ୍ୟ ରାମଚନ୍ଦ୍ର ଭୂୟାଁ, ସମୀର ନାଏକ, ପ୍ରିମେଶ କୁମାର ପଣ୍ଡା, ଦୁର୍ଗାପ୍ରସାଦ ମହାନ୍ତ, ରାଜେଶ ଭୂୟାଁଙ୍କ ସହିତ ଅନ୍ୟାନ୍ୟ ସଦସ୍ୟ ଗଣ ପରିଚାଳନା କରିଥିଲେ।

# ମକର ମିଳନ, ଫକୀରମୋହନ ଜୟନ୍ତୀ



ସଭାରେ ଉପସ୍ଥିତ ଅତିଥିମାନେ।

ବାରିପଦା,୧୪।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାସ୍ଥିତ ମହର୍ଷି ପବ୍ଲିକ ସ୍କୁଲ ପରିସରରେ ମୟୂରଭଞ୍ଜ ସାହିତ୍ୟ ପରିଷଦ ତରଫରୁ ମକର ମିଳନ ଓ ଫକୀରମୋହନ ଜୟନ୍ତୀ ପାଳିତ ହୋଇଯାଇଛି। ପରିଷଦର ଉପସଭାପତି କବୟିତ୍ରୀ କାବେରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଶିଷ୍ଟ ସଂସ୍କୃତି ଗବେଷକ ତଥା ବଳାଙ୍ଗୀ ମହୋତ୍ସବ କମିଟିର ପ୍ରତିଷ୍ଠାତା ସମ୍ପାଦକ ଶରତ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହଜି ଯାଉଥିବା ମୟୂରଭଞ୍ଜର ମକର ସଂସ୍କୃତିର ସଂରକ୍ଷଣ ଆବଶ୍ୟକ ବୋଲି ମତ ରଖିଥିଲେ। ମହର୍ଷି ପବ୍ଲିକ ସ୍କୁଲର ପ୍ରଧାନ ଶିକ୍ଷକ ଅଶୋକ କୁମାର କର ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିବା ବେଳେ ପ୍ରତିଶ୍ରୁତି ପତ୍ରିକାର ସମ୍ପାଦକ ପଣ୍ଡିତ ଭାଗବତ ପଣ୍ଡା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଫକୀର ମୋହନ ସେନାପତିଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ପରିଷଦର ସଭାପତି ପଦ୍ମନାଭ ସାହୁ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ମନୋଜ ଦଳବେହେରା ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। କବି ଡ. ସଞ୍ଜୀବ କୁମାର ପାଣିଗ୍ରାହୀ ଓ ବିଶିଷ୍ଟ ସାହିତ୍ୟିକ ଅଜୟ କୁମାର ପାଲଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବି ଶଙ୍କର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ମୋରଡ଼ାରେ ମକର ପର୍ବ

ମୋରଡ଼ା,୧୪।୧(ସ୍ମାରକ ମାଜୀ)



ମକର ଅବସରରେ ପିଲାମାନେ ପ୍ରସ୍ତୁତ କରିଥିବା କୁମାରେ ନିଆଁ ଲଗାଉଛନ୍ତି।

ଗଣପର୍ବ ମକର ଉପଲକ୍ଷେ ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ଉତ୍ସବ ମୁଖର ହୋଇପଡିଛି। ବ୍ଲକର ବିଭିନ୍ନ ସ୍ଥାନରେ ଧୁମଧାମରେ ମକର ପର୍ବ ପାଳନ ହେଉଛି। ମକର ସଂକ୍ରାନ୍ତିରେ ଛୋଟରୁ ବଡ଼ ପିଲାମାନେ ଭୋରରୁ ଉଠି ସ୍ଥାନୀୟ ନଦୀ,ଖାଳ, ପୋଖରୀ ଇତ୍ୟାଦି ଜଳାଶୟରେ ବୁଡ ପକାଇ ନୂତନ ବସ୍ତ୍ର ପରିଧାନ କରିବା ପରେ ସୋମବାର ତିଆରି ହୋଇଥିବା କୁମା ଗୁଡିକୁ ନିଆଁ ଲଗାଇ ଜାଳିଥିବା ଦେଖିବାକୁ ମିଳିଥିଲା। ବ୍ଲକର ଚିତ୍ରଡା, ମୋରଡା, ଚଢେଇଗାଁ, ଭାଲିଆଡିହା, ଦାନ୍ତିଆମୁହାଁ, ଦୁର୍ଗାପୁର ଏବଂ ଅନ୍ୟ ପଞ୍ଚାୟତର ଗାଁ ଗୁଡିକରେ ମଧ୍ୟ ଏମିତି କୁମା ତିଆରି କରି ପିଲାମାନେ ଜାଳିଥିଲେ। ସେହିପରି ପ୍ରତିଟି ଘରେ ମକର ଚାଉଳ, ଆରିସା ପିଠା ପ୍ରସ୍ତୁତ ହୋଇଛି । ତେବେ କୁଡୁମୀ ଓ ଆଦିବାସୀ ସମ୍ପ୍ରଦାୟର ଲୋକେ ମାଂସ ରାନ୍ଧିବା ସହ ପିଠା ତିଆରି କରିଥିବା ଦେଖିବାକୁ ମିଳିଥିଲା। ସେହିପରି ହଳଦୀପାଳ, ଚିତ୍ରଡା ମାର୍କେଟ ସାହିର ମହିଳାମାନେ ଗୀତ ଗାଇ ଟୁସୁ ମୂର୍ତ୍ତିକୁ ଗାଁ ପରିକ୍ରମା କରାଇଥିଲେ। ତେବେ ମକର ପର୍ବ ଅବସରରେ ବ୍ଲକର ଶୀର୍ଷାପାଳର ପାରିଆଉଡ଼ା, ଚିତ୍ରଡା ତଳସାହି, ବାରୁଡ଼ିହିରେ ବାର୍ଷିକ ଖେଳ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି ।

# ବୁଡ଼ ପାଇଁ ଜମିଲା ଭିଡ଼

ଠାକୁରମୁଣ୍ଡା,୧୪।୧(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲାର ପର୍ଯ୍ୟଟନସ୍ଥଳୀ ଭୀମକୁଣ୍ଡ ଓ ଭୈରବ କୁଣ୍ଡରେ ମକର ସଂକ୍ରାନ୍ତି ଅବସରରେ ମକର ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭୀମକୁଣ୍ଡଠାରେ ଭୀମକୁଣ୍ଡ ମହୋତ୍ସବ ମଧ୍ୟ ଉଦ୍‌ଘାଟିତ ହୋଇଯାଇଛି।

ମୟୂରଭଞ୍ଜ ଜିଲାର ଠାକୁରମୁଣ୍ଡା ବ୍ଲକ ଓ କେନ୍ଦୁଝର ଜିଲାର ପାଟଣା ବ୍ଲକ ସୀମାନ୍ତ ଦେଇ ପ୍ରବାହିତ ବୈତରଣୀ ନଦୀର ବୋରିଂ ଗ୍ରାମ ନିକଟରେ ଥିବା ଭୀମକୁଣ୍ଡରେ ଅନୁଷ୍ଠିତ ମକର ମେଳାରେ ଚଳିତ ବର୍ଷ ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକମାନଙ୍କ ସମାଗମ ହୋଇଥିଲା। ସଂକ୍ରାନ୍ତି ଅବସରରେ ଭୀମକୁଣ୍ଡର ଅପର ପାର୍ଶ୍ୱରେ ଥିବା ସୀମାନ୍ତ ପାଟଣା ବ୍ଲକ ପଟୁ ମଧ୍ୟ ପ୍ରବଳ ଜନସମାଗମର ଲକ୍ଷ୍ୟ କରାଯାଇଥିଲା। ବୈତରଣୀ ନଦୀର ଭୀମକୁଣ୍ଡର ସାନ ଓ ବଡ଼ କୁଣ୍ଡରେ ବୁଡ଼ ପକାଇବାକୁ ବାରଣ ହେତୁ ଭୀମକୁଣ୍ଡର ସମତଳ ସ୍ଥାନରେ ଶ୍ରଦ୍ଧାଳୁମାନେ ଭୀମକୁଣ୍ଡର ଉଭୟ ପାର୍ଶ୍ୱରେ ବୁଡ଼ ପକାଇ ଥିଲେ। ଉଭୟ ପାର୍ଶ୍ୱରେ ଥିବା ଶିବ ମନ୍ଦିରରେ ପୂଜା କରିବାକୁ ଭିଡ଼ ଜମିଥିବା ଦେଖିବାକୁ ମିଳିଥିଲା। ଭୀମକୁଣ୍ଡଠାରେ ପ୍ରତିବର୍ଷ ପରି ମକର ସଂକ୍ରାନ୍ତି ଦିନ ୧୯ ତମ ଭୀମକୁଣ୍ଡ ମହୋତ୍ସବ ଉଦଘାଟିତ ହୋଇଯାଇଛି। ଦୁଇ ଦିନ ଧରି ହେବାକୁ ଥିବା ଏହି ମହୋତ୍ସବର ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ଯୋଗ ଦେଇଥିଲେ। ବନ କମିଟି ସଭାପତି ପ୍ରମୋଦ କୁମାର ନାୟକଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବେ କରଞ୍ଜିଆ ଡିଏଫଓ ଶ୍ରୀକାନ୍ତ ନାଏକ, ଠାକୁରମୁଣ୍ଡା ବ୍ଲକ ଅଧ୍ୟକ୍ଷା ସରୋଜିନୀ ମୁଣ୍ଡା, ଠାକୁରମୁଣ୍ଡା ଥାନା ଓଆଇସି ସାବିତ୍ରୀ ଦଳେଇ, ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରା ଯୋଗ ଦେଇଥିଲେ। ଖବରଦାତା ଶରତ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ସ୍ଥାନୀୟ କଳାକାରଙ୍କ ପକ୍ଷରୁ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମକର ମେଳା ଜନ ସମାଗମକୁ ଲକ୍ଷ୍ୟ କରି ପୋଲିସ ଓ ଅଗ୍ନିଶମ ବିଭାଗ ସଜାଗ ରହିଥିଲେ। ସେହିପରି ମକର ସଂକ୍ରାନ୍ତି ଅବସରରେ ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ନିକଟ ସାଳନ୍ଦୀ ନଦୀର ବାଲିଘାଟଠାରେ ଥିବା ଭୈରବ କୁଣ୍ଡ,ଦିଗଧର ଗ୍ରାମର ବାସୁକେଶ୍ୱର ଓ ଶାଳବୁଆ ନିକଟ ବାଘମରା ମଠରେ ଜନ ସମାଗମ ହୋଇଥିଲା।

## ଆରମ୍ଭ ହେଲା ଭୀମକୁଣ୍ଡ ମହୋତ୍ସବ



ଭୀମକୁଣ୍ଡ ମହୋତ୍ସବ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

